

**ମିଚେଲ୍ ଷ୍ଟାର୍କଙ୍କୁ ଆଇପିଏଲ୍ ପାଇଁ ମିଳିଲା ଅନୁମତି**

**ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେବେ**


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୮୪ ● ୨୪ ଅପ୍ରେଲ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-84 ● 24th April 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଦୁଇ ରାଜ୍ୟରେ ରେକର୍ଡ ମତଦାନ

# ପଶ୍ଚିମବଙ୍ଗରେ ୯୧.୪୬%, ତାମିଲନାଡୁରେ ୮୪.୪୧%

**ନୂଆଦିଲ୍ଲୀ, ୨୩।୪**

ଗୁରୁବାର ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ରେକର୍ଡ ମତଦାନ ହୋଇଥିବାର ସୂଚନା ମିଳିଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ ପଶ୍ଚିମବଙ୍ଗରେ ସନ୍ଧ୍ୟା ୭ଟା ସୁଦ୍ଧା ୯୧.୪୬ ପ୍ରତିଶତ ମତଦାନ ହୋଇଥିବା ବେଳେ ତାମିଲନାଡୁରେ ୮୪.୪୧ ପ୍ରତିଶତ ହୋଇଥିବା ରେକର୍ଡ କରାଯାଇଛି।

ସୂଚନା ଅନୁସାରେ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟରେ ୧୬ଟି ଜିଲ୍ଲାର ୧୫୨ଟି ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିବା ବେଳେ ତାମିଲନାଡୁରେ ସମସ୍ତ ୨୩୪ଟି ନିର୍ବାଚନମଣ୍ଡଳୀରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହୋଇଥିଲା। ସନ୍ଧ୍ୟା ୬ଟାରେ ଆନୁଷ୍ଠାନିକ ଭାବରେ ମତଦାନ ଶେଷ ହୋଇଥିଲା। ସମସ୍ତ ମତଦାନ



କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଉଭୟ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଦୁଇ ରାଜ୍ୟରେ ବମ୍ପର ଭୋଟିଂ ହୋଇଛି। ଅପରାହ୍ଣ ୫ଟା ସୁଦ୍ଧା ପଶ୍ଚିମବଙ୍ଗରେ ୯୦ ପ୍ରତିଶତ ଏବଂ ତାମିଲନାଡୁରେ ୮୨.୨୪ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ କମିନଙ୍କ ସୂତ୍ରରୁ ସୂଚନା ଦିଆଯାଇଛି।

ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନରେ ଗୁରୁବାର ମତଦାନ ଶେଷ ହୋଇଛି। ଯେଉଁଥିରେ ଉତ୍ତର ବଙ୍ଗର ଆଠଟି ଜିଲ୍ଲାର ସମସ୍ତ ୫୪ଟି ଏବଂ ମୁର୍ଶିଦାବାଦ, ନାଦିଆ, ବୀରଭୂମ ଏବଂ ହୁଗଲିର ଅନେକ ଆସନ ଅନ୍ତର୍ଭୁକ୍ତ।

ପ୍ରାୟ ୧.୭୫ କୋଟି ମହିଳାଙ୍କ ସମେତ ୩.୬୦ କୋଟିରୁ ଅଧିକ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାକୁ ଯୋଗ୍ୟ ଥିଲେ। ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ନିର୍ବାଚନ କମିଶନ ରେକର୍ଡ ୨,୪୫୦ କମ୍ପାନୀ କେନ୍ଦ୍ରୀୟ ବାହିନୀ ମୁତୟନ କରିଥିଲେ। କାରଣ ରାଜ୍ୟର ୮,୦୦୦ରୁ ଅଧିକ ମତଦାନ କେନ୍ଦ୍ରକୁ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥିଲା।

ତାମିଲନାଡୁର ସମସ୍ତ ୨୩୪ ଆସନ ପାଇଁ ଗୋଟିଏ (ପୃଷ୍ଠା ୭ରେ)

# ଜନଗଣନା ପାଇଁ ଏସ୍‌ଓପି ଜାରି କଲା ରାଜସ୍ୱ ବିଭାଗ

**ଭୁବନେଶ୍ୱର, ୨୩।୪**

**ନ୍ୟୁଜ୍‌ବ୍ୟୁରୋ**

ପ୍ରଥମ ପର୍ଯ୍ୟାୟ ଜନଗଣନା-୨୦୨୭ ପାଇଁ ରାଜସ୍ୱ ବିଭାଗ ଏସ୍‌ଓପି ଜାରି କରିଛି। ଏନେଇ ରାଜସ୍ୱ ବିଭାଗ ସବୁ ଜିଲ୍ଲାପାଳ/ ଏସ୍‌ପି/ ମ୍ୟୁନିସପାଲ୍ କମିଶନରଙ୍କୁ ଚିଠି ଲେଖିଛି। ଜନ ଗଣନାରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଣନାକାରୀ/ପର୍ଯ୍ୟବେକ୍ଷକ ସର୍ବଦା ସରକାରୀ ପରିଚୟପତ୍ର ପିନ୍ଧିବା ଜରୁରୀ। ଫିଲ୍ଡରେ ସେମାନଙ୍କୁ ନିଯୁକ୍ତି ପତ୍ର ମଧ୍ୟ ପାଖରେ ରଖିବାକୁ ପରାମର୍ଶ ଦିଆଯାଇଛି। ଯଦି କେହି ଧମକ ଚମକ ଦିଅନ୍ତି ତାହେଲେ ଇ ଆଣ୍ଡ ଏସ୍ ହସ୍ତକ୍ଷେପ କରିବେ। ଦରକାର ପଡ଼ିଲେ ତୁରନ୍ତ ସ୍ଥାନ ଛାଡ଼ି ପରେ ସୁରକ୍ଷା ଭିତରେ ପୁଣି ଯିବେ।

ଇ ଆଣ୍ଡ ଏସ୍ ର ନାମ ଏବଂ ଯୋଗାଯୋଗ ବିବରଣୀ ସମ୍ପୃକ୍ତ ଥାନାକୁ ସୁଚିତ କରିବେ। ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ଅଞ୍ଚଳରେ ଜଣେ ପୋଲିସ କର୍ମଚାରୀ ଯିବେ। ଜନଗଣନାକୁ ଯିବା ବେଳେ ସ୍ଥାନୀୟ ମୁରବୀମାନଙ୍କ ସହଯୋଗ ନେଇପାରିବେ।




ବାଧା ସୃଷ୍ଟି କଲେ ୧୯୪୮ ଜନଗଣନା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋଷୀ ସାବ୍ୟସ୍ତ ହେଲେ ଜରିମାନା, ଏପରିକି ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମଧ୍ୟ ହୋଇପାରେ।

ଜନଗଣନା ବେଳେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି ଯେ, ସେମାନଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଯେଉଁମାନେ ଆକ୍ରମଣ କରିଥିଲେ ସେମାନଙ୍କୁ ଗିରଫ କରାଯାଇଛି। ଯେଉଁଠି ବି ଏମିତି ଘଟଣା ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜନଗଣନା ଅଧିକାରୀ ଘରକୁ ଗଲେ ସହଯୋଗ କରନ୍ତୁ ବୋଲି ମନ୍ତ୍ରୀ ଅପିଲ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଜନଗଣନା ଅଭିଯାନରେ ବିଭିନ୍ନ ସ୍ଥାନକୁ ଯାଉଥିବା ଗଣନା କର୍ମଚାରୀ ଓ ସୁପରଭାଇଜରଙ୍କ ଉପରେ ଆକ୍ରମଣ କରାଯାଇଥିବାର ଅଭିଯୋଗ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

# ସଡ଼କ ଦୁର୍ଘଟଣାରେ ୧୯ ମୃତ

**ମିର୍ଜାପୁର, ୨୩।୪**

ଉତ୍ତର ପ୍ରଦେଶର ମିର୍ଜାପୁର ଜିଲ୍ଲାର ଡ୍ରମଣ୍ଡଗଞ୍ଜ ଘାଟୀ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଘଟିଥିବା ଭୟାବହ ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ବୋଲେରୋ ଗାଡ଼ିରେ ବସିଥିବା ୮ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ସେହିପରି ଟ୍ରକ୍



ଚାଳକ, ଖଲାସି ଓ କାର୍ ଚାଳକଙ୍କ ମଧ୍ୟ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶ (ପୃଷ୍ଠା ୭ରେ)

## ଟ୍ରାଫିକ୍ ଯନ୍ତ୍ରଣା ଏଡ଼ାଇବାକୁ ତିଆରି ହେବ ୪ଟି ବିକଳ୍ପ ରାସ୍ତା

**ଭୁବନେଶ୍ୱର, ୨୩।୪**

**ନ୍ୟୁଜ୍‌ବ୍ୟୁରୋ**

ଟ୍ୱିନ ସିଟି କଟକ-ଭୁବନେଶ୍ୱର ଟ୍ରାଫିକ୍ ଯନ୍ତ୍ରଣା ଏଡ଼ାଇବାକୁ ତିଆରି ହେବ ୪ଟି ବିକଳ୍ପ ରାସ୍ତା। ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଦୁଇ ସହରକୁ ଏକାଧିକ ଏଣ୍ଟ୍ରି ପଏଣ୍ଟ ରହିଲେ ଭିଡ଼ କମିବ। ୨୪ ବର୍ଷ (ପୃଷ୍ଠା ୭ରେ)

# ଭାରତୀୟମାନଙ୍କୁ ସୁରକ୍ଷିତ ଭାବରେ ଇରାନ ଛାଡ଼ିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୩।୪**

ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ପରେ ତେହରାନରେ ଥିବା ଭାରତୀୟ ଦୂତାବାସ ଗୁରୁବାର ଏକ ନୂତନ ଏବଂ କଠୋର ଯାତ୍ରା ଆଡଭାଇଜରୀ ଜାରି କରିଛି। ଦୂତାବାସ ଇରାନ ଯାତ୍ରା କରିବା ବିରୁଦ୍ଧରେ ଭାରତୀୟ ନାଗରିକମାନଙ୍କୁ ସତର୍କ କରାଇ ଦେଇଛି ଏବଂ ବର୍ତ୍ତମାନ ସେଠାରେ ରହିଥିବା ଭାରତୀୟମାନଙ୍କୁ ସୁରକ୍ଷିତ ଭାବରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛି। ଏହାର ପରାମର୍ଶରେ ତେହରାନରେ ଥିବା ଭାରତୀୟ ଦୂତାବାସ କହିଛି: 'ଭାରତୀୟ ନାଗରିକମାନେ କୌଣସି ରାସ୍ତା ଦେଇ ଇରାନ ଯାତ୍ରା କରିବା ଉଚିତ ନୁହେଁ। ସୁରକ୍ଷା ଦୃଷ୍ଟିକୋଣରୁ ଇରାନ ଯାତ୍ରା ବିପଦପୂର୍ଣ୍ଣ ହୋଇପାରେ।' ଆଞ୍ଚଳିକ ଉତ୍ତେଜନା ଯୋଗୁ ଆକାଶପଥ ଉପରେ କଟକଣା ଲାଗୁ କରାଯାଇଛି। ଦୂତାବାସ ଅନୁଯାୟୀ, ଅନ୍ତର୍ଜାତୀୟ ବିମାନ ଚଳାଚଳ ସମ୍ପର୍କରେ ଅନେକ ଚ୍ୟାଲେଞ୍ଜ ଜାରି ରହିଛି। ପରାମର୍ଶରେ ଆହୁରି କୁହାଯାଇଛି: 'ବର୍ତ୍ତମାନ ଇରାନରେ ଥିବା ଭାରତୀୟ ନାଗରିକମାନେ ତୁରନ୍ତ ଦେଶ ଛାଡ଼ିବା ଉଚିତ। ନାଗରିକମାନଙ୍କୁ ଦୂତାବାସ ସହିତ (ପୃଷ୍ଠା ୭ରେ)

## ଆଗୁଆ ହୋଇପାରେ ଖରା ଛୁଟି

**ଭୁବନେଶ୍ୱର, ୨୩।୪**

**ନ୍ୟୁଜ୍‌ବ୍ୟୁରୋ**

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗୁଆ ଖରା ଛୁଟି ଘୋଷଣା କରିପାରନ୍ତି। ଦିନେ ଦୁଇ ଦିନ ମଧ୍ୟରେ ସ୍କୁଲରେ ଆଗୁଆ ଖରାଛୁଟି ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଗୁରୁବାର ଏ ସମ୍ପର୍କରେ ରାଜସ୍ୱ ବିଭାଗ ଏବଂ ଗଣ ଶିକ୍ଷା ବିଭାଗ ଆଲୋଚନା ପରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପ୍ରସ୍ତାବ ପଠାଯାଇଛି। (ପୃଷ୍ଠା ୭ରେ)


19001/30/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଜାତୀୟ ପଞ୍ଚାୟତିରାଜ ଦିବସ- ୨୦୨୬
ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓ
ସାଂସଦ, ବଲାଙ୍ଗିର

ଏବଂ ବିଧାୟକ ବୃନ୍ଦ, ବଲାଙ୍ଗିର

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କାର୍ଯ୍ୟାଦେଶ ବଣ୍ଟନ ଓ ୨୦୦ କୋଟି ଟଙ୍କାର ପ୍ରଥମ କିସ୍ତି ରାଶି ପ୍ରଦାନ।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଭ୍ୟନ୍ତରୀଣ ଅଡ଼ିଟ୍ ପ୍ରକ୍ରିୟାକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା ନିମନ୍ତେ "ପଞ୍ଚାୟତିରାଜ ସମୀକ୍ଷା" ପୋର୍ଟାଲର ଉନ୍ମୋଚନ।
- "ବିକଶିତ ଗାଁ, ବିକଶିତ ଓଡ଼ିଶା" ଅଭିଯାନରେ ଗ୍ରାମୀଣ ବିକାଶ କ୍ଷେତ୍ରରେ ମୋଟ ୨୧,୮୦୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।
- ସର୍ବ ଭାରତୀୟ ସ୍ତରରେ ଚଳିତ ବର୍ଷ ଓଡ଼ିଶାର ୫ଟି ପଞ୍ଚାୟତିରାଜ ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସେବା ପାଇଁ ପୁରସ୍କୃତ ହୋଇଛନ୍ତି।
- ଜିଲ୍ଲା ପରିଷଦ ବୈଠକକୁ ପାରଦର୍ଶିତାର ସହିତ ପରିଚାଳନା କରିବା ନିମନ୍ତେ "ଇ-ପଞ୍ଚାୟତ ସଭା" (ଜିଲ୍ଲା ପରିଷଦ) ପୋର୍ଟାଲର ଉନ୍ମୋଚନ।
- ବିଗତ ୨ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ୪.୬୭ ଲକ୍ଷ ଗୃହ ନିର୍ମାଣ ହୋଇଅଛି ସେଥିମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୫୮ ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି।
- ଓଡ଼ିଶାର ୨୧,୦୩୩ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ସେହିପରି ୭,୦୯୯ଟି ଗ୍ରାମକୁ ସର୍ବସାଧାରଣ ପାଇପ୍ ଟ୍ୟାପ୍ (Stand Post) ଯୋଗେ ଜଳ ଯୋଗାଣ କରାଯାଉଛି। ଆଗାମୀ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ।
- ୨୦୨୫-୨୬ ବର୍ଷରେ ୨୦୦ ଗ୍ରାମ ପଞ୍ଚାୟତ ISO ପ୍ରମାଣପତ୍ର ହାସଲ କରିଛନ୍ତି।

୨୪ ଅପ୍ରେଲ ୨୦୨୬ | ସନ୍ଧ୍ୟା ୫ ଘଟିକା | ଗାନ୍ଧୀ ଷ୍ଟାଡିୟମ୍, ବଲାଙ୍ଗିର

OIPR-19001/19001/2/26-27/0002

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଜେଟ୍ ଇନ୍ଧନର ଅଭାବ ଉଡାଣ ଅସମ୍ଭବ

ଜେଟ୍ ଇନ୍ଧନର ଅଭାବ ହେଲା ପରେ ଉଡାଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଅବାବ ପାଇଁ ଏଥର ଗ୍ରୀଷ୍ମ ଋତୁରେ ବିମାନ କମ୍ପାନିଗୁଡ଼ିକ ପାଇଁ ଅତି ମାତ୍ରାରେ କଦର୍ଯ୍ୟ ହୋଇଯିବ । ଯୁଦ୍ଧ ଯୋଗୁ ଯୋଗାଣ ଠପ୍ ହୋଇଯାଇଛି । ୟୁରୋପ ଏବଂ ଏସିଆ ମହାଦେଶର ଅଧିକାଂଶ ବିମାନ କମ୍ପାନି, ଯେଉଁମାନେ ଇନ୍ଧନ ଆମଦାନି ଉପରେ ନିର୍ଭର କରିଥାନ୍ତି,ସେମାନଙ୍କ ଅବସ୍ଥା ଶୋଚନୀୟ । ଉକ୍ତ ଅଭାବ ସ୍ଥିତିର ସାମ୍ନା କରୁଛନ୍ତି ଏମାନେ । ଫଳରେ ହଜାର ହଜାର ବିମାନ ବାତିଲ କରିବାକୁ ବାଧ ହେଉଛନ୍ତି । ଇନ୍ଧନ ସଂକଟ ଯୋଗୁ ବିଶ୍ୱ ବିମାନ ଶିଳ୍ପ ଏକ ପ୍ରକାର ଚିତପଟାଙ୍ଗ ହୋଇଯାଇଛି । ଆମେରିକା ପାଇଁ ଜେଟ୍ ଇନ୍ଧନ ଶେଷ ହୋଇଯିବାର ଭୟ ନାହିଁ । କିନ୍ତୁ ବିଶ୍ୱ ବଜାରରେ ଦେଖାଦେଇଥିବା ଅଭାବ ଯୋଗୁ ଆମେରିକୀୟ ବିମାନ କମ୍ପାନିଗୁଡ଼ିକ ପାଇଁ ଇନ୍ଧନ ଦର ବଡ଼ ମାତ୍ରାରେ ବଢ଼ିଯାଇଛି । ସେମାନେ ଶସ୍ତା ବିମାନ ଭଡ଼ା ଏବଂ କମ୍ ଲାଭଦାୟକ ବିମାନ ରୁଟଗୁଡ଼ିକୁ କମାଉଛନ୍ତି । ଏହି ପଦକ୍ଷେପ ଦ୍ୱାରା ଆମେରିକୀୟଙ୍କ ପାଇଁ ଭଡ଼ା ବୃହତ୍ ମାତ୍ରାରେ ବୃଦ୍ଧି ପାଇବ । ଯଦିଓ ହର୍ମୁଜ ଜଳମାର୍ଗକୁ ଖୋଲିବା ପାଇଁ ଆମେରିକା ଏବଂ ଇରାନ ଏକ ଚୁକ୍ତିରେ ଉପନୀତ ହୁଅନ୍ତି ତଥାପି ଏଥର ଗ୍ରୀଷ୍ମ ଋତୁ ବିମାନ ଯାତ୍ରୀଙ୍କ ପାଇଁ ମହଙ୍ଗା ପାଲଟିବ । କାରଣ ତୈଳ ଏବଂ ଜେଟ୍ ଇନ୍ଧନ ଯୋଗାଣ ସ୍ୱାଭାବିକ ହେବା ପାଇଁ ମାସ ମାସ ସମୟ ଲାଗିବ । ଜୁଲାଇ ସୁଦ୍ଧା ପରିସ୍ଥିତି ସୁଧୁରିବା ଆଶା ନାହିଁ ବୋଲି କୁହନ୍ତି ଏନର୍ଜି କନସଲଟିଂ ସଂସ୍ଥା କେପ୍ଲରର ମୁଖ୍ୟ ବିଶ୍ଳେଷକ(ଆମେରିକା) ମାଟ୍ ସ୍ମିଥ୍ । ଆସନ୍ତା ୬ ସପ୍ତାହ ମଧ୍ୟରେ ଅନେକ ୟୁରୋପୀୟ ଦେଶଗୁଡ଼ିକ ଭୟଙ୍କର ଜେଟ୍ ଇନ୍ଧନ ସଂକଟର ସାମ୍ନା କରିବେ ବୋଲି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି(ଆଇଇଏ) ଏକ ବିବୃତିରେ ଉଲ୍ଲେଖ କରିଛି । ଶ୍ରମ ପଛକୁ ଏୟାର୍ଲାଇନ୍ସଗୁଡ଼ିକ ସବୁଠୁ ଅଧିକ ଖର୍ଚ୍ଚ କରିଥାନ୍ତି ଇନ୍ଧନ ଉପରେ । ଆମେରିକାର ୪ ବୃହତ୍ ଏୟାର୍ଲାଇନ୍ସ ଯଥା ୟୁନାଇଟେଡ୍, ଆମେରିକାନ, ଡେଲ୍ଟା ଏବଂ ସାଉଥ୍ୱେଷ୍ଟ ଗତବର୍ଷ ପ୍ରତ୍ୟେକ ଦିନକୁ ହାରାହାରି ୧୦ କୋଟି ଡଲାର ଇନ୍ଧନରେ ଖର୍ଚ୍ଚ କରିଛନ୍ତି । ଯୁଦ୍ଧ ଆରମ୍ଭ ହେବା ପରେ ଏ ଖର୍ଚ୍ଚ ବଡ଼ ମାତ୍ରାରେ ବୃଦ୍ଧି ପାଇଛି । ସମାନ ଭାବେ ବିଶ୍ୱର ଅନ୍ୟ ପ୍ରାନ୍ତରେ ବି ବିମାନ କମ୍ପାନିଗୁଡ଼ିକ ଏହିଭଳି ସ୍ଥିତି ଦେଇ ଗତି କରୁଛନ୍ତି । ଆମେରିକା ବିଶ୍ୱର ସର୍ବବୃହତ୍ ତୈଳ ଉତ୍ପାଦନକାରୀ ଏବଂ ଜେଟ୍ ଇନ୍ଧନର ଅନ୍ୟତମ ଅଗ୍ରଣୀ ରପ୍ତାନିକାରୀ ହୋଇଥିବାରୁ ଆମେରିକୀୟ ଏୟାର୍ଲାଇନ୍ସଗୁଡ଼ିକ ପାଇଁ ପରିସ୍ଥିତି ସେତେଟା ଚିନ୍ତାଜନକ ହୋଇ ନ ପାରେ । କିନ୍ତୁ ବିଶ୍ୱର ଅନ୍ୟ ଏୟାର୍ଲାଇନ୍ସଗୁଡ଼ିକର ଅବସ୍ଥା ଶୋଚନୀୟ । କୁଏତ୍ ଏବଂ ବାହରେନ ଜେଟ୍ ଇନ୍ଧନର ଅନ୍ୟତମ ଅଗ୍ରଣୀ ରପ୍ତାନିକାରୀ । ହର୍ମୁଜ ବାଟ ବନ୍ଦ ଥିବାରୁ ସେଠାରୁ ଯୋଗାଣ ବନ୍ଦ ହୋଇଯାଇଛି । ଏହି ବାଟ ଦେଇ ବିଶ୍ୱର ୨୦% ଜେଟ୍ ଇନ୍ଧନ ଆସିଥାଏ । ବର୍ତ୍ତମାନ ତାହା ଠପ୍ ହୋଇଯାଇଥିବାରୁ କମ୍ପାନିଗୁଡ଼ିକ ଭୟଙ୍କର ଇନ୍ଧନ ସମସ୍ୟା ଘେରରେ । ଏସୀୟ ରାଷ୍ଟ୍ରଗୁଡ଼ିକ ଏବେ ଜେଟ୍ ଇନ୍ଧନ ରପ୍ତାନି କମାଉଛନ୍ତି । ଏହା ଆମେରିକୀୟ ଜେଟ୍ ଇନ୍ଧନ ଦର ଉପରେ ଚାପ ପକାଇପାରେ ବୋଲି କୁହନ୍ତି ଅନ୍ତର୍ଜାତୀୟ ବିମାନ ପରିବହନ ସଂଘର ନିର୍ଦ୍ଦେଶକ ୱିଲି ୱାଲ୍ସ । ଯଦିଓ ଶୀଘ୍ର ହର୍ମୁଜ ଖୋଲିଯିବ, ତଥାପି ଯୁଦ୍ଧ ଦ୍ୱାରା ଉପୁଜିଥିବା ଯୋଗାଣ ସମସ୍ୟା ସ୍ୱାଭାବିକ ହେବା ପାଇଁ ଅନେକ ସମୟ ଲାଗିବ ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

### ନିଜ ଅଭ୍ୟନ୍ତର ଦେଖ



ଆଉ ନାହିଁ ଭାବ
ଭୋଗ ବିଳାସ ଜୀବ ଜଗତ
ନିୟନ୍ତ୍ରଣ ରେଖା ସମସ୍ତେ
ଟପି ତ ଗଲେଣି
ଚାଖଣ୍ଡେ ପେଟ ପାଇଁ

କେତେ ନାଟ
କେତେ ବୀଭତ୍ସ
ଶାନ୍ତି ଖୋଜିବାକୁ ଯାଇ
ସମସ୍ତେ ଜହ୍ଲାଦ ସାଜିଲେଣି
ମୁଖରେ ମିଠା କଥା
ପେଟରେ ଆବିଳତା
ନିଜେ ଆଉ ନିଜର ହୋଇ ନାହାଁନ୍ତି
ଆତ୍ମା ରାମ ଭୁଲି ମାୟାକୁ ଭଜୁଛନ୍ତି
ସେଥିରେ ପୁଣି କି ଆନନ୍ଦ
କି ଉଲ୍ଲାସ
ଅଢେଇ ଦିନର କୁଣିଆ
କି ଯଶ ଲଭିବ
ଜୀବ ଆତ୍ମାକୁ କଷ୍ଟ ଦେଇ
କି ଲାଭ ପାଇବ
ଢେଉ ପଛେ ପଛେ ଢେଉ
ଅହରହ ମାଡି ଚାଲିଛି
ମାୟା ମୋହର ଅନ୍ତ ନାହିଁ
ଯେତେ ଭିତରକୁ ଯିବ
ସେତେ ନୂଆ ରୂପ ଦେଖାଯିବ
ନିଜ ଅନ୍ତରକୁ ଟିକେ ଚାହିଁ ଦେଖ
ଯାହାର ଚାକଚକ୍ୟକୁ ଦେଖି
କ'ଣ ଶାନ୍ତି ପାଇବ ।
ସବୁ କୁହେଳିକା
ସ୍ୱପ୍ନ ପ୍ରହେଳିକା
ଟିକିଏ ସୁଖ ପାଇଁ
ଜଗତକୁ କଳୁଷିତ କରନାହିଁ ।
ନେଡିଗୁଡ କହୁଣିକୁ
ବୋହିବା ପୂର୍ବରୁ
ନିଜେ ନିଜକୁ ପରଖି ନିଅ ।

◆◆

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୬୫)

## (ଏକ ଐତିହାସିକ ଉପସ୍ଥାପନା)





ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ଅତିଶୟ ଚିନ୍ତାରେ ରାଜା ଆଉ ରାଣୀ ବୁଡିଗଲେ । କଣ କରିବେ, କୌଣସି ବୁଦ୍ଧି ଦିଶିଲା ନାହିଁ । ସହଜରେ ଶିଳ୍ପୀ ହେଉଛନ୍ତି ଜଣେ ଅସ୍ଥି ଚର୍ମସାର ବୃଦ୍ଧ । ରାଣୀ ଗୁଣ୍ଡିଚାଙ୍କର ମୁଣ୍ଡ ବିଚଳିତ ହୋଇଗଲା । ରାଜାଙ୍କ ଉପରେ ରାଣୀ ଗୁଣ୍ଡିଚାଙ୍କର ଅଭିମାନ ଅତିଶୟ ବୃଦ୍ଧି ପାଇଲାଣି । ଏଭଳି ଲୋଳିତ ଚର୍ମ ବିଶିଷ୍ଟ ଶିଳ୍ପୀଙ୍କ ଉପରେ ଏତେବଡ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାର ଦାୟିତ୍ୱ ଦେବା କଣ ଉଚିତ୍ ଥିଲା ? ରାଣୀ, ଜିଦ୍ ଧରି ବସିଲେ ଆଜି ହିଁ କବାଟ ଖୋଲା ହେବ । ନିଶ୍ଚୟ ଖୋଲା ହେବ । ଏହି ସନ୍ଦେହାତ୍ମକ କଥାରେ ପ୍ରତିଜ୍ଞା ଭୁଲିଗଲେ ରାଜା ଇନ୍ଦ୍ରଦ୍ୟୁମ୍ନ । ଖୋଲି ଦେଲେ କବାଟ । ସମସ୍ତ ପ୍ରତୀକ୍ଷାର ଅନ୍ତ ହେଲା । କିନ୍ତୁ ଏ କଣ ? ତାଙ୍କ ଆଗରେ ଅଧାଗଢା ଦାରୁ ଦେବତା ତିନିଗୋଟି କଣ କରିବେ ? ଭୋ ଭୋ କାନ୍ଦିଲେ ରାଜା । ହାତ ନାହିଁ, ପାଦ ନାହିଁ ପୁଣି ମୁଖମଣ୍ଡଳ ମଧ ପୂର୍ଣ୍ଣ ରୂପେ ବିକଶିତ ହୋଇନାହିଁ । ଶିଳ୍ପୀ ମଧ କେଉଁ ଆଡେ ଉଭାନ ହୋଇଯାଇଛନ୍ତି । ଏ କି ବିଚିତ୍ର, ଆଉ ବିସ୍ମୟକର ଘଟଣା ? ସକାଳ ଯାଇ ରାତି ହେଲାଣି ରାଜା ପାଟିରେ ପାଣି ଦେଇନଥାନ୍ତି, ନିର୍ଜଳା ଉପବାସ । ରାଜା ଅର୍ଦ୍ଧ ରାତ୍ରୀରେ ଦେଖିଲେ ଏକ ଅଭୁଲା ସ୍ୱପ୍ନ। ମନ୍ଦିର ସାରା ବିଛାଡି ହୋଇ ପଡିଛି ତୁଳସୀ, ମନ୍ଦିର ସାରା ଚନ୍ଦନ, ଝୁଣାର ଅପୂର୍ବ ବାସ୍ନାରେ ମହକି ଉଠୁଛି । ଏକ ଅପୂର୍ବ ନୀଳ ଆଲୋକରେ ଉଭା ହୋଇଛନ୍ତି ତିନିଗୋଟି ମୂର୍ତ୍ତୀ ସତେ ଯେପରି ତିନିଗୋଟି ମୂର୍ତ୍ତି ରାଜାଙ୍କ ପାଖକୁ ଆସି ଆଖିରୁ ଲୁହ ପୋଛି ଦେଇ କହୁଛନ୍ତି ବସ, ଆଉ କାନ୍ଦନା । ଆଉ କୌଣସି ଅନୁଶୋଚନା ନ କରି ମନକୁ ବୁଝେଇ ଦେ । ଆମେ ନିଜ ଇଚ୍ଛାନୁସାରେ ଏପରି ତନୁକୁ ଧାରଣା କରିଛୁ । ଇନ୍ଦ୍ରଦ୍ୟୁମ୍ନ ଅଶ୍ରୁଭରା କଣ୍ଠରେ କହୁଛନ୍ତି ହେ ବିଶ୍ୱନିୟନ୍ତା, ଆପଣଙ୍କର ହାତ ଥାଆନ୍ତା, ପାଦ ଥାଆନ୍ତା ଆପଣ ବନ୍ଧୁପଣରେ ନୀଳାଚଳରେ ବିଜେ କରିଥାନ୍ତେ, କାନ ଖୋଲି କୋଟି କୋଟି ପତିତଙ୍କର କାତର ପ୍ରାର୍ଥନା ଶୁଣିଥାନ୍ତେ । ହସ୍ତ ପ୍ରସାରି ସମଗ୍ର ବିଶ୍ୱର ଜନଗଣଙ୍କୁ କୋଳେଇ ନେଇଥାନ୍ତେ । କିନ୍ତୁ ଏ କଣ କଲେ ପ୍ରଭୁ । ଏଭଳି ଦୁଃଖ ବ୍ୟାକୁଳତାର ମହାସାଗରରେ ବୁଡି ବୁଡି ମୁଁ ଆଉ ଡାକିବି କାହାକୁ । କାହାକୁ କହିବି ଏ ଅସରା ଦୁଃଖର ଅକୁହାବେଦନା ? ସ୍ୱପ୍ନ ମଧ୍ୟସ୍ଥ ଏହିଭଳି ଦୁଃଖର ମହାସମୁଦ୍ରରେ ପଡି ଉବୁଟୁବୁ ହେଉଥିବା ବେଳେ ଏକ କୋମଳ ସ୍ୱର ଭାସି ଆସିଲା ଶୂନ୍ୟରୁ, ''ହେ ମୋର ଶ୍ରଦ୍ଧେୟ ପୁତ୍ର, ଯଦି ମୋର ହାତ, ପାଦ, କାନ ପାଇଁ ଦୈନିକ ତୁଳସୀ, ଦୟଣା ଚୂଳରେ ମୋ ହାତ, ପାଦ,ଓ ଶରୀରକୁ ସଜେଇ ଦେବୁ, ତେବେ ଦେଖିବୁ ଅନନ୍ତ କୋଟି ବ୍ରହ୍ମାଣ୍ଡର ଐଶ୍ୱର୍ଯ୍ୟ ମଧ ମୋ ରୂପ ନିକଟରେ ଅତ୍ୟନ୍ତ ତୁଚ୍ଛ ଓ ନଗଣ୍ୟ ବୋଲି ମନେ କରିବୁ, ମୋ ସୁନାଟା ପରା, ତୁ ଆଉ ଅସ୍ଥିର ହୁଅନା, ତୁ କଣ ଏ ରୂପ ଲାବଣ୍ୟକୁ ଦେଖି ଖୁସି ହେବୁ ନାହିଁ ? ଇନ୍ଦ୍ରଦ୍ୟୁମ୍ନଙ୍କ ଆଖିରୁ ଝରି ପଡୁଛି ଅସରା ଲୁହ । ଇନ୍ଦ୍ରଦ୍ୟୁମ୍ନ କହିଲେ ନା, ''ମହାପ୍ରଭୁ, ତୁମେ ମୋତେ ବୁଝେଇଲେ ବି ମୁଁ ସୁଖୀ ହୋଇପାରିବିନି ।'' ମହାବାହୁ ଏଥର ଆହୁରି କୋମଳ କଣ୍ଠରେ କହିଲେ ପାଗଳଟା, ମତେ ଟିକିଏ ଆଖି ପୁରେଇ ଦେଖେ, ମୋର ଦୁଇ ବାହୁକୁ ଟିକିଏ ଭଲ କରି ନିରୀକ୍ଷଣ କର, ଆରେ ପାଗଳ, ତୁ କହୁଛୁ ମୋର ପାଦ ନାହିଁ । ପାଦ ନଥିଲେ ସେଦିନ ମହାଭାରତ ଯୁଦ୍ଧରେ ପାଣ୍ଡବ ମାନଙ୍କ ନିକଟରେ ରଥ ଉପରେ ଚଢି ସେମାନଙ୍କୁ ଦିଗ୍ଦର୍ଶନ ଦେଇଥାନ୍ତି କେମିତି ? ମୋର କାନ ନାହିଁ ବୋଲି କହୁଛୁ, ମୋର କାନ ନଥିଲେ ସେଦିନ ଗଜର ପ୍ରାର୍ଥନା ଶୁଣି କୁମ୍ଭୀର କବଳରୁ ମୁକ୍ତି କରିଲି କେମିତି ? ସେଦିନ କୁରୁସଭାରେ ଦ୍ରୌପଦୀର ବିକଳ ପ୍ରାଥନା ଶୁଣିଲି କେମିତି ? ମୋର ଯଦି ପାଦ ନଥାନ୍ତା ଗୌତମଙ୍କ ପତ୍ନୀ ପାଷାଣୀ ଅହଲ୍ୟାକୁ ପଦ ସ୍ପର୍ଶରେ ଜୀବନ୍ତ କଲି କେମିତି ? ଦେଖୁଛୁ ମୋର ଦୁଇଭୂଜ, ଏହି ଦୁଇଟି ଭୂଜରେ ସମଗ୍ର ବ୍ରହ୍ମାଣ୍ଡକୁ ଧରି ରଖିଛି। ଅନନ୍ତ କୋଟି ବ୍ରହ୍ମାଣ୍ଡର ସମସ୍ତ ଜୀବ ଜଗତ, ସମସ୍ତ ବୃକ୍ଷ, ଲତା, ସ୍ଥୂଳ ଏବଂ ସୂକ୍ଷ୍ମାତି ସୂକ୍ଷ୍ମ ଧୂଳି କଣାବି ମୋର ଏ ଦୁଇଟି ବାହୁର ନିୟନ୍ତ୍ରଣ ମଧ୍ୟରେ ଆତ ଯାତ ହେଉଛନ୍ତି । ସେହି ନିୟନ୍ତ୍ରଣ ଭିତରେ ତୁ ବି ଅଛୁ । ମୋର ପରାକ୍ରମ, ମୋର ଶକ୍ତି, ମୋର ଚେତନା ଏତେ ମହାଶକ୍ତିଶାଳୀ ଯେ ଏହାକୁ କେହି ବର୍ଣ୍ଣନା କରିପାରି ନାହାନ୍ତି ଆଉ ଶତ ସହସ୍ର ଯୁଗ ପର୍ଯ୍ୟନ୍ତ ଚେଷ୍ଟା କଲେବି କେହି ବର୍ଣ୍ଣନା କରିପାରିବେନି । ମୁଁ ହିଁ ଅନନ୍ତ କୋଟି ବ୍ରହ୍ମାଣ୍ଡର ରୂପ, ମୁଁ ହିଁ ଅନନ୍ତ କୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା ଓ ନିୟନ୍ତ୍ରଣକର୍ତ୍ତା । ତେଣୁ ସମସ୍ତ ଅଶ୍ରୁପାତକୁ ବିଲୋପ କରିଦେଇ ସ୍ଥିର ମନରେ ଏହି କଥାଗୁଡାକ ଭଲ ଭାବରେ ଚିନ୍ତା କରି ବୁଝିବୁ । ମୋର ଅନୁଗାମୀ, ମୋତେ ଭଲ ପାଉଥିବା ଲୋକଟି ଦୁଃଖରେ ଯେତେବେଳେ ଛଟ ପଟ ହେଉଥାଏ, ସେତେବେଳେ ମୋର ହୃଦୟ ଫାଟିଯାଏ । ଖାଲି ଏତିକି ମନେରଖ ମୋ ପାଗଳ, ଯାହାକିଛି ବି ସଂସାରରେ ଚାଲିଛି, ଯାହାକିଛି ଘଟିଯାଇଛି, ଆଉ ଯାହାକିଛି ଘଟିବ, ତାହାହିଁ ଏ ଜଗତ ପାଇଁ ମଙ୍ଗଳ ହେବ । ସେହି ନିଦ ଭରା ଆଖିରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଦର୍ଶନ ଦେଲେ ମହାବାହୁ ଆଉ ତାଙ୍କ ଅଧରର ସ୍ମିତହାସ୍ୟରେ ରାଜା ଅତିଶୟ ଆନନ୍ଦରେ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ । ଇଏ ହେଉଛି ଓଡିଆ ଜାତିର ଗୌରବମୟ ତଥା ବିଶ୍ୱ ପ୍ରସିଦ୍ଧ ବିରଳତମ ଇତିହାସ ଆଉ ସର୍ବ ପ୍ରାଚୀନ ଇତିହାସର ନଭଶ୍ଚୁମ୍ବୀ ଅମର କାହାଣୀ, ଯାହାକୁ ମହାକାଳ ମଧ ଲିଭାଇ ପାରିବ ନାହିଁ ଯେଉଁ ଇତିହାସକୁ ସ୍ମରଣ କରି ଓଡିଆଟିଏ ବିଶ୍ୱର ସମସ୍ତ ପୁଞ୍ଜିଭୂତ ଶକ୍ତିକୁ ପଦାନତ କରିଥାଏ । ଏହିଠାରେ ବିଷ୍ଣୁଭକ୍ତ ଇନ୍ଦ୍ରଦ୍ୟୁମ୍ନ ପ୍ରସଙ୍ଗକୁ ବିରତି ଦେଇ ଆମେ ସମସ୍ତ ପାଠକ ବନ୍ଧୁମାନଙ୍କୁ ଫେରାଇ ଆଣୁଛୁ କୁଜଙ୍ଗ ଗଡକୁ। ଏକ ସମୟରେ ଉଦୟ କ୍ଷେତ୍ରର ମନ୍ଦିର ମଧକୁ ପ୍ରବେଶ କଲେ ମହାପ୍ରଭୁ ଜଗନ୍ନାଥ,ବଳଭଦ୍ର ଓ ମାତା ସୁଭଦ୍ରା । (କ୍ରମଶଃ...)

# ହେଲ୍‌ମେଟ୍



ମୃଣାଳମନ୍ତ୍ର
ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଆଜିକାଲି ଭାରି ହେଲମେଟ୍ ଧରପଗଡ଼ ହେଉଛି । ବିନା ହେଲମେଟରେ ଯିଏ ଯାଉଛନ୍ତି, ପୋଲିସବାଲା ପ୍ରତି ଛକମୁଣ୍ଡରେ ଛକି ବସିଛନ୍ତି । ଖାପୁ କିନା ଧରି ପକଉଛନ୍ତି । ତାପରେ ହଜାରେ ପ୍ରଶ୍ନ: ହେଲମେଟ୍ କାଇଁ, ଗାଡ଼ି କାଗଜପତ୍ର କାଇଁ ଡ୍ରାଇଭିଂ ଲାଇସେନ୍ସ ଦେଖାଅ । ଲାଇସେନ୍ସ ଆଉ କାଗଜପତ୍ର ଯଦି ସାଙ୍ଗରେ ଅଛି ତ ଭଲ । ଫାଇନ୍ ଦିଅ, ଯାଅ । ନହେଲେ ଥାନାକୁ ଚାଲ । ଅଧିକା ଫାଇନ୍ ଦିଅ । ଅଧିକାଂଶ ଲୋକଙ୍କ ମୁଣ୍ଡ ଉପରେ ଏତେ ବୋଝ, ଯେ ହେଲମେଟ୍‌ର ଆଉ ଗୋଟେ ଅଧିକ ବୋଝ ମୁଣ୍ଡେଇବାକୁ ପସନ୍ଦ କରନ୍ତିନି । ସେମାନେ ଏଥିକୁ ଭାରି ବିଗୁଡୁଛନ୍ତି । ସେ ଲୋକମାନଙ୍କ ଭିତରୁ ମୁଁ ଜଣେ । ଜଣେ ଚିହ୍ନା ପରିଚୟ ପୋଲିସ ଇନ୍ସପେକଟରଙ୍କୁ ପଚାରିଲି, ଆପଣମାନଙ୍କର ଆଉ କିଛି କାମଧନ୍ଦା ନାହିଁ କି ? ଖାଲି ହେଲ୍‌ମେଟ୍ ଧରୁଛନ୍ତି । ସେ କହିଲେ, ଖରା ଦିନ ତ ! ଚୋରି ଚମାରି ଟିକେ କମ । ରାଲିଫ୍ୟାଲି ବି ବେଶି ବାହାରୁନି । ବସି ବସି ଦେହରେ ଜଙ୍କ୍ ଲାଗିଯାଉଛି । ଏମିତିରେ ହାତଗୋଡ଼ ଟିକେ ଖେଳୁଛି । ମୁଁ କହିଲି, ଆପଣମାନେ ବୁଝୁନାହାନ୍ତି, ହେଲମେଟ ମୁଣ୍ଡେଇ ବାହାରିବାରେ ନାନା ଝାମେଲା । ବଜାର ହାଟରେ କୁଆଡ଼େ ଆଞ୍ଜା ବସ୍ତୁଟିକୁ ଧରି ବୁଲିବେ ? ସହଜେ ତ ବଜାରରେ ବୁଲାଗାଈଗୋରୁ ଷଣ୍ଢଙ୍କ ଉତ୍ପାତରେ ଚାଲି ହେଉନି । ସେଥିରେ ଦିହାତରେ ଦିଟା ପରିବା ବ୍ୟାଗ୍ ଥିବ । ତାପରେ ଏ ଜିନିଷଟାକୁ କେମିତି ବୋହିବେ ଈଶ୍ୱର ତ ଆମକୁ ଦୁଇଟା ମାତ୍ର ହାତ ଦେଇଛନ୍ତି । ସେ ଯଦି ଜାଣିଥାନ୍ତେ ଆପଣମାନେ ଏମିତି ଧରପଗଡ଼ କରିବେ ତେବେ ଆଉ ଗୋଟେ ହାତ ଖଞ୍ଜି ଦେଇଥାନ୍ତେ ଦେହରେ । ତାପରେ ଦେଖନ୍ତୁ, ହେଲମେଟ୍ ଧରି କେଉଁ ଅଫିସ୍‌କୁ ଗଲେ, ଭାରି ସମସ୍ୟା । କେତେ କୁଆଡ଼େ ତାକୁ ଧରି ବୁଲିବେ ? କଉଠି ଥୋଇ ଦେଇ ଗଲେ ଭୁଲି ଯାଉଛି । ଗତ ମାସେ ଭିତରେ ତିନିଟା ହେଲମେଟ୍ ହଜେଇ ସାରିଲିଣି । ହେଲମେଟ୍ ପିନ୍ଧି ଗାଡ଼ି ଚଲେଇବାକୁ ଭାରି ଅସୁବିଧା । କଣ ଅସୁବିଧା ପୋଲିସ ଇନ୍ସପେକଟର ପଚାରିଲେ । ସେଦିନ ପତ୍ନୀଙ୍କ ସହିତ ମୋଟରସାଇକଲ୍‌ରେ ବୁଲି ଯାଇଥିଲି । ସେ କଣ କହୁଛନ୍ତି, ହେଲମେଟ୍ ପିନ୍ଧିଥିଲି ବୋଲି କିଛି ଶୁଭିଲାନି । ସେ ଭାବିଲେ, ମୁଁ ଜାଣିଶୁଣି ତାଙ୍କ କଥା ଶୁଣୁନି । ତାକୁ ନେଇ ଘରେ ଭାରି ଝାମେଲା ହେଲା । ମୋର ଜଣେ ତରୁଣ ବନ୍ଧୁ ଆଉ ଗୋଟେ ସମସ୍ୟା କଥା କହୁଥିଲେ ।

– ତାହା ପୁଣି କଣ ? – ସେ ତାଙ୍କ ପ୍ରେମିକାଙ୍କୁ ପଛରେ ବସେଇ ପ୍ରମୋଦ ଭ୍ରମଣରେ ବାହାରିଥିଲେ । ଯୁବା ବୟସ । ପ୍ରେମିକା ତାଙ୍କୁ ଚୁମ୍ବନ କରିବାକୁ ଚାହିଁଲେ । ହେଲେ ହେଲମେଟ୍ ବାଧା । ହେଲମେଟ୍ ଯୋଗୁଁ ଲୋକ ଟିକେ ରୋମାଣ୍ଟିକ୍ ବି ହେଇ ପାରିବନି ।

ଏକଥାରେ ପୋଲିସ ଇନ୍ସପେକଟର ଟିକେ ବିଗିଡ଼ିଗଲେ । ଯେ କୌଣସି ପ୍ରକାର ରୋମାଣ୍ଟିକ୍ ଭାବନାକୁ ପୋଲିସବାଲା ନାପସନ୍ଦ କରନ୍ତି । ସେ କହିଲେ, ଦେଖନ୍ତୁ ଆଜ୍ଞା ରୋମାନ୍ସଠୁଁ ଜୀବନ ବଡ଼ । ଆମେ ହେଲୁ ଜନତାର ବନ୍ଧୁ । ଜନତା ଗାଡ଼ି ଆକ୍ସିଡେଣ୍ଟ କରୁଛନ୍ତି । ମୁଣ୍ଡ ଫଟଉଛନ୍ତି । ସେମାନଙ୍କ ଚିକିତ୍ସାରେ ସରକାରଙ୍କର ବହୁତ ଟଙ୍କା ଖର୍ଚ୍ଚ ହେଉଛି । ସେମାନଙ୍କୁ ସୁରକ୍ଷିତ ରଖିବା ଆମର ଦାୟିତ୍ୱ । ସେମାନେ ସୁରକ୍ଷିତ ରହିଲେ ଆମର ଲାଭ । ସେମାନଙ୍କର ବି ଲାଭ । – ହେଲେ ଓଡ଼ିଶାର କେତେକ ସହରରେ ଆପଣ ହେଲମେଟ୍ ଚେକିଂ ବେଳେ ଯେ ଲୋକଙ୍କୁ ବସ୍‌ଉଠ୍ କରଉଛନ୍ତି ଏଟା କଣ ଭଲ କଥା କଲେ ? – ପୋଲିସ ଜନତାର ବନ୍ଧୁ । ବସଉଠ୍ ଆମେ ସେମାନଙ୍କୁ ବ୍ୟାୟାମ କରେଇବାକୁ କରିଥିଲୁ । ପବ୍ଲିକ୍‌ର ସ୍ୱାସ୍ଥ୍ୟ ଠିକ୍ ରଖିବା ମଧ୍ୟ ଆମର ଦାୟିତ୍ୱ । ବସଉଠ୍ କଲେ ସେମାନଙ୍କର ଲାଭ ।

ମୁଁ କହିଲି, ସେମାନଙ୍କର ଲାଭକ୍ଷତି କଥା ସେମାନେ ବୁଝିବେ । ଆପଣମାନଙ୍କର ଏତେ ମୁଣ୍ଡ ବଥା କାହିଁକି ? ପୋଲିସ ଇନ୍ସପେକଟର କହିଲେ, ପୋଲିସ ମୁଣ୍ଡ ସବୁଥିରେ ବିନ୍ଧେ । ଦେଖନ୍ତୁ ହେଲମେଟ୍ ବାଲାଙ୍କର ବିକ୍ରି ହେଉନି ବୋଲି ସେମାନେ ଆସି ଆମକୁ କହିଲେ । ଆମେ ସେମାନଙ୍କର ବି ବନ୍ଧୁ । ସେମାନଙ୍କର ହେଲମେଟ୍ ବିକ୍ରିର ବ୍ୟବସ୍ଥା କରିବା ମଧ ଆମର ଦାୟିତ୍ୱ । ଆମେ ଧରପଗଡ଼ ଆରମ୍ଭ କରିବା ମାତ୍ରେ ଲୋକେ ଧଡ଼ାଧଡ଼ ହେଲମେଟ୍ କିଣିଲେ ।– ସେମାନଙ୍କର ହେଲମେଟ୍ ବିକ୍ରି ହେବ ବୋଲି ଆପଣମାନେ ଧରପଗଡ଼ କରିବେ ? – ନା । କଥାଟାକୁ ସେଇ ଭାବରେ ନିଅନ୍ତୁନି । ହେଲମେଟ୍ ପିନ୍ଧିଲେ ଆପଣମାନଙ୍କର ବହୁତ ଲାଭ ।

– କି ଲାଭ ? – ପ୍ରଥମ କଥା ତ ହେଲମେଟ୍ ପିନ୍ଧିଥିଲେ ଆପଣଙ୍କର ଗୋଟେ ଦିଚକିଆ ଗାଡ଼ି ଅଛି ବୋଲି ଲୋକେ ଜାଣିବେ । ଦ୍ୱିତୀୟ ହେଲା, ହେଲମେଟ ପିନ୍ଧଥିଲେ ଆପଣଙ୍କୁ ବହୁ କଥା ଶୁଭିବନି । ଏଟା ଯେ କେତେ ବଡ଼ ଲାଭ ତାହା ପ୍ରତ୍ୟେକ ବିବାହିତ ଲୋକ ଜାଣନ୍ତି । ତୃତୀୟ, ଆପଣ ପରା ସରକାରୀ କ୍ୱାର୍ଟରରେ ରହୁଛନ୍ତି ? – ହଁ । – ଆପଣଙ୍କ ଭଳି ସରକାରୀ କ୍ୱାର୍ଟରରେ ରହୁଥିବା ଲୋକେ ତ ସବୁବେଳେ ହେଲମେଟ୍ ପିନ୍ଧି ରହିବା କଥା । ସରକାରୀ କ୍ୱାର୍ଟରଗୁଡ଼ାକର ଯାହା ଅବସ୍ଥା କେତେବେଳେ ଗଳିପଡ଼ିବ । ହେଲମେଟ୍ ପିନ୍ଧିଥିଲେ ଜୀବନଟା ରହିଯିବ । ତେଣୁ ମୋର ସାନକୁହା ମାନନ୍ତୁ ଖାଲି ଗାଡ଼ି ଚଲେଇବା ବେଳେ ନୁହେଁ, ଘରେ ବି ହେଲମେଟ୍ ପିନ୍ଧି ରହନ୍ତୁ । ଆପଣମାନେ ନିଜ ମନକୁ ନ ପିନ୍ଧିଲେ, ଆମେ ଆପଣଙ୍କୁ ତାହା ପିନ୍ଧିବାକୁ ବାଧ କରିବୁ । ଘରେ ଘରେ ଯାଇ ଚେକିଂ କରିବୁ । ନ ପିନ୍ଧିଥିଲେ ଥାନାକୁ ଟାଣିବୁ । ମୁଁ ଏବେ ଘରେ ବି ହେଲମେଟ୍ ପିନ୍ଧି ରହୁଛି ।

# ସଦଗୁରୁ ସାଇନାଥଙ୍କ ପାଦ ଏବଂ ସାନ୍ନିଧ୍ୟର ମାହାତ୍ମ୍ୟ

ବିଭୁତି ଭୂଷଣ ସାହୁ
ଇତୁଆ, ଭଟିମୁଣ୍ଡା, ଟାଙ୍ଗୀ, କଟକ,
ଦୂରଭାଷ : ୯୩୩୮୧୧୧୩୫୫

ଏ ସଂସାର ହେଉଚି କ୍ଷଣସ୍ଥାୟୀ । ମାୟାର କବଳରେ ପଡ଼ି ଜୀବାତ୍ମା ନିଜର ଅସଲ ଲକ୍ଷ୍ୟକୁ ଭୁଲି ଯାଉଛି । ଅହଂଭାବରୁ ମୁକ୍ତ ଥିବା ସମୟରେ ଆମେ ଠାକୁରଙ୍କୁ ଧ୍ୟାନ କରିଥାଉ, କିନ୍ତୁ ଅହଂକାର ଜାତ ହେବା ମାତ୍ରେ ଆମେ ନିଜକୁ କର୍ତ୍ତା ଭାବି ଠାକୁରଙ୍କ ସ୍ଥିତିକୁ ଅବଜ୍ଞା କରିଥାଉ । ଏହି ଅବଜ୍ଞା ଭାବର ଉଦୟ ହେଉଥିବାର ଆଭାସ ପାଇବା ମାତ୍ରେ ବାବାଙ୍କର ବରାଭୟ ମୁଦ୍ରାରେ ବସିବା ଠାଣି ମନରେ ଆଣିବାକୁ ଭକ୍ତ ଉଦ୍ୟମ କରିବା ଉଚିତ । ଏହା କଲେ ସେ ଅହଂଭାବରୁ ନିଜକୁ ମୁକ୍ତ ରଖି ପାରିବ । ସଂସାରକୁ ସୃଷ୍ଟି କରିବା ସମୟରେ ଜଗତ ପିତା ପ୍ରତ୍ୟେକଙ୍କୁ କିଛିନା କିଛି ବିଶେଷ ଗୁଣ ଦେଇଛନ୍ତି । ଯେପରିକି ଗରୁଡ଼କୁ ବେଗ, ହିମାଳୟକୁ ସ୍ଥିରତା ଏବଂ ଶକ୍ତି ସମୁଦ୍ରକୁ ଗଭୀରତା, ଚନ୍ଦ୍ରକୁ ଶୀତଳ କିରଣ, ସୂର୍ଯ୍ୟଙ୍କୁ ଉଜ୍ଜ୍ୱଳ ଆଲୋକ । ସଦଗୁରୁଙ୍କ ଠାରେ କିନ୍ତୁ ଏହି ସମସ୍ତ ଗୁଣର ସମାହାର ଘଟିଛି । ଭଗବତ ଗୀତାରେ ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ କହିଛନ୍ତ ସୂର୍ଯ୍ୟର ତେଜ ହେଉଛି ମୁଁ, ଗରୁଡ଼ର ବେଗ ହେଉଛି ମୁଁ ଏବଂ ଚନ୍ଦ୍ରର ଶୀତଳ କିରଣ ମଧ ମୁଁ, ଏପରି ଅନେକଙ୍କ ମଧ୍ୟରେ ଯେଉଁ ସବୁ ଗୁଣ ରହିଛି ତାହା ସେ ନିଜେ ବୋଲି ଶ୍ରୀ ଭଗବାନ ପାର୍ଥ ସଖାଙ୍କୁ କହିଛନ୍ତି । ସଦଗୁରୁଙ୍କର ସାଂସାରିକ ଦ୍ରବ୍ୟ ପ୍ରତି ସାମାନ୍ୟ ଲୋଭ ନଥାଏ । ସେମାନେ କେବଳ ଶାନ୍ତି ଚାହାଁନ୍ତି । ବାବା ମଧ ଠିକ ଏହି କଥା କହିଥିବା ଆମେ ସାଇ ସତଚରିତରେ ପାଠ କରିଛେ । ତେଣୁ ତାଙ୍କୁ ଆମେ ସଦଗୁରୁ ଭାବେ ପୂଜା କରୁଛେ । ଶାସ୍ତ୍ର ମଧ କହିଛି ଯେ ଜୀବନରେ ଯେତେ ପାପ କରିଥିଲେ ମଧ ଯଦି ଈଶ୍ୱରଙ୍କ ନାମ ନିଆଯାଏ ତେବେ ସମସ୍ତ ପାପରୁ ମୁକ୍ତି ମିଳିଥାଏ । ସଦଗୁରୁ ହେଉଛନ୍ତି ଈଶ୍ୱରଙ୍କର ଅନ୍ୟତମ ସ୍ୱରୂପ । ତାଙ୍କର ସଂସ୍ପର୍ଶରେ ଆସିବା ମାତ୍ରେ ପାପରୁ ମୁକ୍ତି ମିଳିଥାଏ ଏବଂ ଆଧ୍ୟାତ୍ମିକ ଜ୍ଞାନର ଉଦୟ ହୋଇଥାଏ । ସଦଗୁରୁଙ୍କ ସାନ୍ନିଧ୍ୟରେ ଆସିଗଲେ ଧନ ଏବଂ ସୌନ୍ଦର୍ଯ୍ୟର କୌଣସି ପ୍ରଭାବ ପଡ଼େ ନାହିଁ । ଏହି ସାନ୍ନିଧ୍ୟରେ ବ୍ୟକ୍ତି ଜାଣେ ଶରୀର ନୁହେଁ ସେ ହେଉଛି ଆତ୍ମା । ଏହି ଭାବ ଆସିବା ମାତ୍ରେ ତାହାର ମନରେ ଥିବା ଅହଂଭାବ ଦୂର ହୋଇଯାଏ । ନିଜର ଶରୀରକୁ ନେଇ ସେ ଆମ ଗର୍ବ କରେନାହିଁ । ସଦଗୁରୁଙ୍କ ସାନ୍ନିଧ ଲାଭ କଲେ ଅନେକ ଆଧ୍ୟାତ୍ମିକ ଲାଭ ମିଳିଥାଏ । ଜଣେ ସାମାନ୍ୟ ବ୍ୟକ୍ତି ସଦଗୁରୁଙ୍କ ପାଖରେ ବାସ କଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଯେପରିକି ସାମାନ୍ୟ ଏକ ସୂତାରେ ଯଦି ମୋତି ଗୁନ୍ଥା ଯାଏ ତେବେ ସେହି ସୂତା ଦିଅଁଙ୍କ ଗଳାରେ ଶୋଭାପାଇଥାଏ । ଜଣେ ସାଧାରଣ ବ୍ୟକ୍ତି ବ୍ୟବହାର କରୁଥିବା କଠଉର କୌଣସି ମୂଲ୍ୟ ନଥାଏ, କିନ୍ତୁ ପ୍ରଭୁ ଶ୍ରୀରାମ ବ୍ୟବହାର କରୁଥିବା କଠଉ ସିଂହାସନରେ ସ୍ଥାନ ପାଇବାକୁ ଯୋଗ୍ୟ ହୁଏ । କେବଳ ସେତିକି ନୁହେଁ କାଦୁଆ ପାଣି ଯଦି ଗଂଗାରେ ମିଶିଯାଏ ତେବେ ତାହା ପବିତ୍ର ହୋଇଯାଏ । ସଦଗୁରୁଙ୍କ ସାନ୍ନିଧ ଲାଭ କଲେ ଏହି ଫଳ ସାଧାରଣ ବ୍ୟକ୍ତିର ପ୍ରାପ୍ତି ହୋଇଥାଏ ।

# ଏ ଦୁର୍ଦ୍ଦଶା ପାଇଁ କାହାକୁ ଦାୟୀ କରିବା ?

ଆପଣଙ୍କ ମତାମତ

ମହାଶୟ,

ଚୋର ପଳେଇ ଗଲା ପରେ ଥାନାବାବୁଙ୍କ ନିଦ ଭାଙ୍ଗିବା ପରି କଥା । ଶ୍ୟାମପୁରରୁ ଜବରଦଖଲ ଉଚ୍ଛେଦ ଘଟଣାରେ ଘର ଭାଙ୍ଗିବା ପରେ ଲୋକଙ୍କ ଦୁର୍ଦ୍ଦଶା ବଢିଚାଲିଛି ।

ସର୍ବସାଧାରଣ ସଂପତ୍ତିର ରକ୍ଷକ ହେଉଛନ୍ତି, ଖୋଦ୍ ସରକାର । ସରକାର, ଏହି ସଂପତ୍ତିର ଅନଧିକାର ଦଖଲ ଓ ଅନ୍ୟାୟ ଭାବେ ତାର ବିକ୍ରି ଓ ବିକ୍ରି ଲବ୍ଧ ଧନର ଚଳୁ କରିବାକୁ କାହିଁକି ଓ କିପରି ଦିଆଯିବାରେ ନିରବ ରହିଲେ ? ରାଜ୍ୟ ଲୋକସେବା ଭବନକୁ କେହି ବି ଧସେଇ ପଶି ପାରିବେନି କାରଣ ସେଠି ସଶକ୍ତ ପୋଲିସ ୨୪/୭ ପହରା ଦେଉଛନ୍ତି ଓ ଜବରଦଖଲକୁ ଅବରୋଧ କରିବାକୁ ସେମାନେ କ୍ଷମତା ସମ୍ପନ୍ନ । ଠିକ୍ ସେହି ମାପଦଣ୍ଡରେ ଯଦି ସରକାର ୨୦୧୮ ମସିହାର ସରକାରୀ ଜବରଦଖଲ ଅଧିନିୟମକୁ ଆଇନରେ ପରିଣତ କରି ପାରିଥାନ୍ତେ, ତେବେ ତୁରନ୍ତ, ଜବରଦଖଲକାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ଆରମ୍ଭ ହୋଇଯାଇ ସେମାନେ କାରାଗାରରେ ଥାନ୍ତେ । ଏପରି ଅଭାବନୀୟ ଦୃଶ୍ୟ, ଅଦୃଶ୍ୟ ହୋଇଥାନ୍ତା । ସରକାରଙ୍କ ସାର୍ବଭୌମତ୍ୱ ଆମ ସମସ୍ତଙ୍କୁ ଜଣା । ଏହା ପୁରୁଷଙ୍କୁ ନାରୀ ଏବଂ ନାରୀଙ୍କୁ ପୁରୁଷ ରୂପେ ପରିବର୍ତ୍ତିତ କରିବା ବ୍ୟତୀତ, ଯେକୌଣସି କାର୍ଯ୍ୟ କରିପାରନ୍ତି ।

ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ
ରିଟାୟାର୍ଡ ଆଇଏଏସ, ନିଳାଦ୍ରୀବିହାର, ଭୁବନେଶ୍ୱର

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଉପବାସ

## ସାରଦା ପ୍ରସାଦ ଆଚାର୍ଯ୍ୟ



ମନ୍ଦିର ମାଟିକୁ ଯେବେ ମୁଁ,
କେବେ ଛୁଏଁ
ଅଦ୍ଭୁତ ଶିହରଣ ହସି ଉଠେ
ମୋ ପବିତ୍ର ରକ୍ତରେ ,
ଅବସୋସ
ବିହୀନ ଶିରାପ୍ରଶିରାରେ ।

ଦୂରରେ ଥାଏ ,
ଧାଡ଼ିରେ ଥାଏ,
ବିରାଟ ପୁରୁଷକୁ
ପାଖକୁ ଆଣେ
ଆନମନା ମନରୁ
ଓଳାଇ ଆଣେ ଯେତକ ଅଳିଆ
ଢାଳି ଦିଏ ଶିବ କୁଣ୍ଡରେ ।

ଧଳା ମନରେ ,
ଢାଳେ ପଇଡ ପାଣି
ଘୋଡ଼େଇ ଆଣେ ଅରଖ ଫୁଲ
କଳା ଲିଙ୍ଗରେ ।

ଜଳି ଉଠେ ତ୍ୟାଗର ସଳିତା ,
ଜାଗି ଉଠେ ମନର ଅସ୍ମିତା ।
ଦୃଷ୍ଟି ବଦଳେ, ସୃଷ୍ଟି ବଦଳେ,
ଯୋଡ଼ି ଦିଏ ଦୁଇହାତ ,
ମହାକାଳ ପାଖରେ ।

ଯୋଡ଼ା -କେନ୍ଦୁଝର
ମୋ : ୮୬୩୭୨୧୩୮୨୫

# ଋତୁ ପଲାଶ

## ସଂଯୁକ୍ତା ଦାଶ

ଏ ସହରେ ଏବେ ବସନ୍ତ ଆସିଛି
ଚୈତ୍ରର ଆକାଶ ଧୂଆଁଳିଆ ବିଶୁଛି
ଡାଲିଆ ଜିନିଆ ଗେଣ୍ଡୁ ସେବତୀ ପାଖୁଡାରେ
ଫଗୁଣର ହସ୍ତାକ୍ଷର ଲିଭି ଲିଭି ଆସୁଛି
ହଠାତ୍ ସେ ଥୁଣ୍ଟା ଗଛଟା
ଥୋପା ଥୋପା ଲାଲ୍ ରଙ୍ଗରେ ଉଛୁଳି ଉଠୁଛି
ଏଇତ...ପଲାଶର ସହସ୍ର ସ୍ତବକ
ଅଗ୍ନିର ଲେଲିହାନ ଶିଖାହୋଇ
ସାରା ଆକାଶକୁ ପ୍ରସରି ଯାଉଛି



ଧୂଷର ମାଟି ପାଂଶୁଳ ଆକାଶ
ପତ୍ରଝଡା ଋତୁର ରୁକ୍ଷ ପରିବେଶ
ସବୁ ଅସ୍ୱାଭାବିକତାକୁ ପ୍ରତିହତ କରି
ପ୍ରତିଶୃତିର ସହସ୍ର କଳିକା ଫୁଟାଇ ଦେଇଛି ପଲାଶ
ପଲାଶ କ'ଣ ଖାଲି ଫୁଲଟିଏ ?
ସ୍ରଷ୍ଟାର ସୌନ୍ଦର୍ଯ୍ୟବୋଧ
ପ୍ରକୃତିର ବୈଚିତ୍ର୍ୟ
ଋତୁଚକ୍ରର ବୈଶିଷ୍ଟ୍ୟ
ମଣିଷର ଇନ୍ଦ୍ରିୟ ସୁଖକୁ
ଉଜ୍ଜୀବିତ କରୁଥିବା ଅମ୍ଳାନ ବର୍ତ୍ତିକା ଟିଏ
ସଚରାଚରକୁ ଚମତ୍କୃତ କରୁଥିବା
ସବୁ ପ୍ରତିକୂଳତା ଠାରେ
ନିଜକୁ ଉତ୍ତୀର୍ଣ୍ଣ କରିବାର ସ୍ପର୍ଦ୍ଧା ରଖୁଥିବା
ମାନବ ଜାତିକୁ ଅନନ୍ତ ସମ୍ଭାବନା ଆଉ
ସକାରାତ୍ମକ ମନ୍ତ୍ର ଦେଉଥିବା ଅମୃତ ସ୍ଫୁଲିଙ୍ଗ ଟିଏ ।

୮୪୨୦୮୯୬୫୪୬

# ତୁମ ପରଶ

## ପ୍ରଣୀତା ମିଶ୍ର

ତୁମକୁ ଟିକେ ସ୍ପର୍ଶ କରିବା ପାଇଁ
ମନରେ କି ବ୍ୟାକୁଳତା
ତୁମେ କିନ୍ତୁ ଦୂରେଇ ଯାଅ
ଯେତେବେଳେ ମୁଁ ହାତବଢାଏ
ଚାଲିଥାଏ' ମତେ ଛୁଁ'ର ଖେଳ ।
ବେଳେବେଳେ ମୁଁ ପହଞ୍ଚିଯାଏ
ଅତି ନିକଟରେ
ଭାବେ ଏଥର ନିଶ୍ଚୟ ଜିତ୍ ମୋର
ତୁମେ ଘୁଞ୍ଚିଯାଅ ନିମିଷକେ
ମୁଁ ପୁଣି ହାରିଯାଏ ।
ତୁମ ମୋ ଭିତରେ
ପ୍ରାଚୀରଟିଏ
ବହୁତ ଶକ୍ତ ଏବଂ ଦୁର୍ଭେଦ୍ୟ
ମନରେ ମୋର ହତାଶା
ଏକ ଅସହାୟପଣ
ତୁମକୁ କି କେବେ ପାରିବିନି ଛୁଇଁ
ହେ ମୋର ସ୍ୱପ୍ନ !
ତୁମେ ତ ସାଥୀ ନିଦୁଆ ଆଖିର
ଜୀବନର ଯୌବନର
ଆଶା ଆକାଂକ୍ଷାର
କଣ୍ଟକିତ ଜୀବନ ପଥର
ତଥାପି ମୁଁ କହିବି
ତୁମେ ବହୁତ ନିଷ୍ଠୁର ।
ତୁମ ମାୟାରେ ମୁଁ କେବେ
ଚଢେ ପାହାଡ଼ ଶିଖରେ
କେବେ ବୁଡେ ଅଗାଧ ଜଳରେ
ମହଲ ତୋଳେ ଶୂନ୍ୟରେ
ସୁବର୍ଣ୍ଣର ମୁକୁଟ ପିନ୍ଧେ ମୁଣ୍ଡରେ
କିନ୍ତୁ ବାସ୍ତବରେ
ତୁମ ପରଶ ପାଇବା ଆଶାରେ
ମୁଁ କେବଳ ହିଁ ଧାଉଁଥାଏ
ମରୀଚିକା ପଛରେ ।





ଭୁବନେଶ୍ୱର

# ମୋ ଅଗୋଚରେ

## ସତ୍ୟନାରାୟଣ ଗନ୍ତାୟତ

ମୋ ଅଗୋଚରେ
ହସ ଧାରେ
କୁଆଡେ ଲାଖି ରହିଚି
ମୋ ମୁହେଁ !

ତେଣୁ କି'
ସଭିଏଁ ମୋତେ ଦେଖି
ଆପଣା ଛାଏଁ
ହେଉଚନ୍ତି ହେଁ ହେଁ !!




'ସୁହାସିତମ୍', କସ୍ତୁରୀ ନଗର, ରାୟଗଡା : ୭୬୫୦୦୧
ମୋ : ୯୪୩୭୯୦୯୬୭୫

# ସାଉଁଳା ଅତୀତ

## ଡ. ରଶ୍ମି ଦାସ



ଆଖିର ନିରବପଣରେ -କେତେ ଯନ୍ତ୍ରଣା
ଓଠର ହସ ପଛରେ -ଅନେକ ଭାଙ୍ଗିଯାଇଥିବା ଜୀବନ
ସମୟର ଧୂଳି ଆସ୍ତରଣ କରିଛି
ସେ ଜହ୍ନ ରାତିର ଚିହ୍ନ ସବୁକୁ ।

ଏବେ ଆଉ କାହାର ଆଖିରେ ମୁଁ ନିଜକୁ ଖୋଜୁଛି
ପୁରୁଣା କିଛିକୁ ଦୋହରାଉଛି ।
ଅଲରା ଜୀବନକୁ ସାଉଁଳେଇ ଦେଉଛି ।
ଆଉ ସେଇଠି କିଛି ଅକୁହା ଗଳ୍ପର ଶବ୍ଦକୁ
ଗୋଟେଇ ଗୋଟେଇ କୁଢେଇ ଚାଲିଛି,
ଆଉ ଶୁଣିଛି ସେଇ ଅନୁଭବର ନିରବରବ ,
ହଁ କେବେ କେବେ ଲାଗେ
ଏ ଆଖି,ଏ ଛବି ମୋର ଗତ କାଲିର ଆଇନା ,



ଯେଉଁଠି ମୋ ସ୍ୱପ୍ନକୁ ମୁଁ ସାଉଁଳେଇଛି
ଆଉ ପାଇଛି ଚୁପଚାପ୍ ଗୁମସୁମ ଦିନ ସବୁ ।
ଅନୁସୃତ ହୋଇଛି ,ସେହି ନିରବ ଅସହାୟ ବୋଧର
ବିତିଯାଇଥିବା ଦିନ ସବୁ ।

ପ୍ଲଟ ନମ୍ବର -୬୬୭/୫୭୦୧
ଶ୍ରୀ ବିହାର ପଟିଆ ଭୁବନେଶ୍ୱର ।

# କଣ୍ଢେଇ

## ନୀଳମାଧବ କର

ମୁଁ କଣ୍ଢେଇଟେ ହେବାକୁ ଚାହେଁ ତମ ପାଇଁ,
ତମ ଖୁସି ପାଇଁ, ତମ ଇଚ୍ଛାରେ,
ମୋ ମୁହଁରେ ରଙ୍ଗ ଲଗେଇ, ସଜେଇ ହେଇ,
ମୁଁ ତମ ପାଇଁ ଅପେକ୍ଷା କରିଛି,
ତମେ ଖେଳିବ, ମୋ ସଙ୍ଗେ,
ମୋତେ କଣ୍ଢେଇ ବନେଇ

ତମେ ବି ଅପେକ୍ଷା କରିଛ କଣ୍ଢେଇଟେ ପରି,
ରଙ୍ଗ ମାଖି, ଚିତ୍ର କରି ଦେହ ସାରା,
ଅତରରେ ଭିଜେଇ ତନୁମନ
ଚିକ୍ ମିକ୍ ଜରିର ଓଢଣି ଭିତରେ
ମିଛ ମିଛ ଲୁଚକାଳି ଖେଳି



ଡାକୁଛ ପ୍ରେମ ପାଇଁ,
ଚାହୁଁଛ ମୁଁ ରଙ୍ଗ ଲଗେଇ ଦିଏ
ବାରବାର ତମ ମନରେ

ତମେ ଅପେକ୍ଷା କରିଛ,
ମୁଁ ଅପେକ୍ଷା କରିଛି,
ଆଉ ରାତି ବି

କିଏ ଖେଳିବ, କିଏ କଣ୍ଢେଇ ହେବ,
ଏଇ ଅପେକ୍ଷାରେ ସରିଯାଉଛି ସମୟ

ଓଲଭରହାମ୍ପଟନ, ୟୁକେ
nmadhab@yahoo.com

# || କେନ୍ଦୁଝର ||

## ସୁଜିତ କୁମାର ମିଶ୍ର

ଆକାଶ ପରି ଅଭେଦ୍ୟ
ରୂପସୀ ମାନମୟୀ ବଧୂଳିର ଦେହଟିଏ
କେନ୍ଦୁଝର
ସେ ତା ଜାଗାରେ ବସିଛି,

ଲୁହ ବି ଅଛି
ଲହୁ ବି ଅଛି
ମୋହ ବି ଅଛି
ମହୁ ବି ଅଛି
ଦରଦ ଆଉ ଦ୍ରୋହ ଭିତରେ
ସେ ଜୀଇଁବା ଶିଖିଛି ।

ଯେଉଁଠି ସୂରୁଜଙ୍କ ଆବାହନୀରେ
ସପନର ଫୁଲ ଫୁଟେ
ଜହ୍ନ ଛୁଇଁଲେ
ମନ ମନକୁ ଭେଟେ
ଝରୁଥାଏ ମମତାର ସ୍ୱର, ସେ କେନ୍ଦୁଝର

ତା ପଣତର ମନ୍ଦାକିନୀରେ
ମାଟି ଭିଜୁଥାଏ
ସବୁ ଶୂନ୍ୟତାକୁ ଫୁ କରି ନିରନ୍ତର ।

ମହୁଲ ଫୁଲର ନହୁଲି ବାସ୍ନାରେ
ଅପୂର୍ବ ଦିଶୁଥାଏ କିଶୋରୀ କେନ୍ଦୁଝର,
କୁରେଇ ଫୁଲର କୋହରେ
ଚିତ୍ରିତ କେନ୍ଦୁଝର
ଧାଡି ଧାଡି ପାହାଡ ଆଉ ଧାଙ୍ଗିଡ଼ିଙ୍କ
ଅନ୍ତରଙ୍ଗ ନୃତ୍ୟରେ
ଝଲସୁଥାଏ ସେ କାହିଁ କେତେ ଦୂର ।

ତା ହସକୁରୀ ଝରଣାର ଗୀତରେ
ଲୋଟି ଯାଆନ୍ତି

ପ୍ରଣୟ ବିଧୁରା ଅନୂଢା,
ଯୁଆନ ଝିଅର ଗଭାରେ ତ
ଶୋଭୁଥାଏ ଫଗୁଣ ଫୁଲର କବରୀ,

ସେ ବି କାହା ପ୍ରତୀକ୍ଷାରେ
ଡାକୁଥାଏ ତା ଆଖି ଠାରି,

କୋଟିଏ ବିରହକୁ ମୁଣ୍ଡେଇ
କେନ୍ଦୁଝର ତ ଶ୍ରଦ୍ଧାରେ ପ୍ରେମ ସବାରି ।

ଏଠି ହାଟଡିହି ଗୋଟେ ହୃଦୟ
ଫକୀରପୁର ଗୋଟେ ନିଛକ ଗାଆଁ,
ଆନନ୍ଦପୁର ଗୋଟେ ଅଭିଳାଷର ନାଁ,
ଘଟଗାଁ ଗୋଟେ ଦରଦୀ ଦେବୀ ଭୂଇଁ,
ଯାହାକୁ ନେଇ
ବହୁ କୁଟୁମ୍ବୀ କେନ୍ଦୁଝର
ଚମକେ ସ୍ୱପ୍ନ ଦେଇ ଦେଇ ।

କଂସା ବାସନର କମନୀୟ ଗଢଣରେ
କଳି ହୁଏ ମେହନତି ମଣିଷର
ଜୀବନ ରଙ୍ଗ,
ହାତ ତାରକସୀର ବଢିରୁ
ଝରୁଥାଏ ଜୀବନର ଜହ୍ନଝୋଟି,
ଏଠି ବି ଟେରାକୋଟା ଦେଖାଏ
ବିଶ୍ୱକୁ ଆକର୍ଷଣ,
ରେଶମୀ ରସର କଳା ଦେଖାଏ
ନୂଆ ବାଟ,
ରୁଦ୍ର ତାତିରେ ବି ମହକୁଥାଏ କେନ୍ଦୁଝର,
କାହିଁ କେତେ କାଳୁ ସେ ପୁଣ୍ୟପ୍ରସୂ ନଇଘାଟ ।

ଯେଉଁଠି ଦେବୀ ତାରିଣୀ
ଦେବତା ବଳଦେବ ଜୀଉ
ଆଗେ ଆଗେ ସବୁଠି,
ଆମ ମୂରବୀ,
ଭୟ କାହାକୁ ଯେ
ଆଶଙ୍କା କେଉଁଥି ପାଇଁ,
ସେ କରୁଣାରୁ ଏ ମାଟି
କୋଟି ଦୀପର ଆଲୋକ,
ପୁନେଇଁ ରାତିର ଅସରନ୍ତି ମହୁ ।

କଅଁଳ ପତ୍ର ପରି ତା ଛୁଆ
କେତେ ସରଳ, କେତେ କୋମଳ
ଆଦରର ମଳୟକୁ ବୋଳି ହୋଇ
ଆଦରି ନିଅନ୍ତି ସଭିଙ୍କୁ,
ସଜାଡି ଦିଅନ୍ତି କାନ୍ଧକୁ,
ସ୍ୱପ୍ନକୁ ଓ ଜୀବନକୁ,

କେନ୍ଦୁଝର ଅବିଭେଦର ଆକାଶ
ତାରାଫୁଲର ସହର
ଚମକାଉଥାଏ ଚାରିପଟକୁ ।

ଏଠି କଣ୍ଢେଇ ବି କଥା କହେ
ମୃଦଙ୍ଗ ବି କଥା କହେ,
ଦରଦୀ ଦୈତାରୀ
ମାନବବାଦର ତୁଳସୀ ବି
ବିଶ୍ୱକୁ ତା ଅମୃତ ପରଶରେ ପାଛୋଟି ନିଏ ।

ଯେଉଁଠି ଗର୍ବର ପର୍ବରେ ତା ଗାଆଁଦାଣ୍ଡ
କୋଳାହଳର ସ୍ୱର୍ଗ,
ସହର ବିକାଶର ନିଅନ୍ ଆଲୋକ,



କାକର ପରି ଖସି ଖସି ଯାଉଥିବା
ଆୟୁଷକୁ ସେ ପ୍ରେମର ପୀୟୂଷ,

ଆଉ କିଛି ଲୋଡୁଥିବା
ଏ ମାଟି, କେନ୍ଦୁଝର ନୁହେଁ କି ଏବେ ବି
ଅୟୁତ ଆଶାର ଶୋଷ ।

ତୁମ ଚୁମ୍ବନର ଶଠ ଚରିତ୍ର କଣ
ନିଖିଳ କେନ୍ଦୁଝରର ଭାଗ୍ୟ ସ୍ପନ୍ଦନ ?

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

# ଚୋରା ଚଇତି

## ବେବୀଲତା ଶତପଥୀ

ତମେ ମୋର ଅଭିମାନୀ ଆଖିର
ଢଳ ଢଳ ଦୁଇ ଟୋପା ଲୁହ
ଲଗାମଛଡା ଶବ୍ଦର ସୁନାଥାଳି
ସମ୍ପର୍କର ନିରୋଳା ସେତୁ
ଉଛୁଳା ଉଚ୍ଛ୍ୱାସର ଋତୁ
ବ୍ୟବଧାନ କେତେଦୂର ତମେ କୁହ ?



ଜୀବନର ଚଲାବାଟେ
ଯେତେଥର ଦେଖାହୁଏ
ଅଭିଭୂତ ହେଇଯାଏ
ଦେଖିତମ ହିସାବପଣର ଖିଆଲିମନ
ନିଜକୁ ଭାବେ ମୁଁ ଅମାବାସ୍ୟାର ଜହ୍ନ.

ଶତାବ୍ଦୀର ଶେଷଫୁଲ ମୁଁ ସ୍ୱପ୍ନମଗ୍ନାନାରୀ
ଅଭୁଲା ଦିନର ଅଲିଭା ସ୍ମୃତି
ସ୍ତବ୍ଧ ମୌନ ଉଦ୍ଦାମ ଅନ୍ଧକାର ରାତି
ସତରେ ତମେ ମୋର ଶତତୃଷ୍ଣା
ମୁଗ୍ଧ ଆମନ୍ତ୍ରଣ 'ଚୋରା ଚଇତି' .

'ପଦ୍ମାଲୋକ ',
କେ -୪, କଳିଙ୍ଗବିହାର, ଭୁବନେଶ୍ୱର.
ମୋ : ୬୩୭୨୯୯୯୫୯୦

# ମିଚେଲ୍ ଷ୍ଟାର୍କଙ୍କୁ ଆଇପିଏଲ୍ ପାଇଁ ମିଳିଲା ଅନୁମତି ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେବେ

**ନୂଆଦିଲ୍ଲୀ**



ଆଇପିଏଲ୍ ଖେଳିବାକୁ ଦ୍ରୁତ ବୋଲର ମିଚେଲ୍ ଷ୍ଟାର୍କଙ୍କୁ ସବୁଜ ସଂକେତ ଦେଇଛି କ୍ରିକେଟ୍ ଅଷ୍ଟ୍ରେଲିଆ। ସେ ଶୁକ୍ରବାର ସୁଦ୍ଧା ଦିଲ୍ଲୀ କ୍ୟାପିଟାଲ୍ ଦଳରେ ଯୋଗ ଦେବେ ଓ ମେ’ ୧ରେ ହେବାକୁ ଥିବା ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଖେଳିବାର ସମ୍ଭାବନା ରହିଛି।

ଷ୍ଟାର୍କ ଗତ ଆସେସ୍ ଶୃଙ୍ଖଳାର ସମସ୍ତ ପାଞ୍ଚଟି ଟେଷ୍ଟ ଖେଳିଥିଲେ ଓ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଏହା ପରେ ଜାନୁଆରୀ ଶେଷଭାଗରେ ସେ ବିଗ୍‌ବାସ୍ ଲିଗ୍‌ରେ ବି ଖେଳିଥିଲେ। ତେବେ କହୁଣୀ ଓ କାନ୍ଧ ଯନ୍ତ୍ରଣା ଯୋଗୁଁ ସେ ପଡ଼ିଆରୁ ଦୂରେଇ ରହିଥିଲେ। ଏହି କାରଣରୁ ସେ ଆଇପିଏଲ୍ ୨୦୨୬ ପ୍ରାରମ୍ଭିକ କିଛି ମ୍ୟାଚ୍ ଖେଳିପାରିନାହାନ୍ତି। ସେ ଫେରିବା ପରେ ଦିଲ୍ଲୀ କ୍ୟାପିଟାଲ୍ସର ବୋଲିଂ ବିଭାଗ ଆହୁରି ଶାଣିତ ହେବା ଆଶା କରାଯାଉଛି। ଦିଲ୍ଲୀ କ୍ୟାପିଟାଲ୍ସ ଏବେ ୬ ମ୍ୟାଚ୍‌ରୁ ୩ ବିଜୟ ୩ ପରାଜୟ ସହ ପଏଣ୍ଟ ଟେବୁଲ୍‌ର ପଞ୍ଚମ ସ୍ଥାନରେ ରହିଛି।

# ଅନ୍ତିମ ଦିନିକିଆରେ ନ୍ୟୁଜିଲାଣ୍ଡକୁ ହରାଇ ସିରିଜ୍ ଜିତିଲା ବାଂଲାଦେଶ

**ଲକ୍ଷ୍ନୌ**



ନଜମୁଲ ହୋସେନ ଶାଣ୍ଟୋଙ୍କ ଶତକ ଓ ପରେ ମୁସ୍ତାଫିଜୁର ରହମାନଙ୍କ ୫ ଉଇକେଟ ସଫଳତା ବଳରେ ବାଂଲାଦେଶ ଗୁରୁବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୫୫ ରନରେ ପରାସ୍ତ କରିଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ବାଂଲାଦେଶ ଦଳ ୨-୧ ବ୍ୟବଧାନରେ ଜିତି ନେଇଛି। ଶାଣ୍ଟୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ନାହିଦ ରାଣାଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୩୨ ରନ ମଧ୍ୟରେ ଟପ୍ ଅର୍ଡର ୩ ବ୍ୟାଟରଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଶାଣ୍ଟୋ ଓ ଲିଟନ ଦାସ ଚତୁର୍ଥ ଉଇକେଟରେ ୧୬୦ ରନ ଯୋଡ଼ିଥିଲେ। ଲିଟନ ୭୬ (୩ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଶାଣ୍ଟୋ ୧୦୫ (୯ ଚୌକା ଓ ୨ ଛକା) ରନର ଶତକୀୟ ପାଳି ଖେଳିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ତୋହିଦ ହୃଦୟ ଅପରାଜିତ ୩୩ (୨ ଚୌକା ଓ ୧ ଛକା) ଓ ଅଧିନାୟକ ମେହିଦି ହାସନ ମିରାଜ ୨୨ (୨ ଚୌକା) ରନ କରିଥିଲେ। ଫଳରେ ବାଂଲାଦେଶ ୫୦ ଓଭରରେ ୮ ଉଇକେଟ ହରାଇ ୧୬୫ ରନ କରିଥିଲା।

ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲିଅମ ଓରାଉକେ ୩ ଉଇକେଟ ନେଇଥିବା ବେଳେ ବେନ ଲିଷ୍ଟର ଓ ଜେଡେନ ଲେନକ୍ସ ୨ଟି ଲେଖାଏଁ ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ଜବାବରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୪.୫ ଓଭରରେ ୨୧୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଡିନ ଫକ୍ସକ୍ରଫ୍ଟ ୭୫ (୭ ଛକା) ଓ ନିକ କେଲି ୫୯ (୬ ଚୌକା ଓ ୧ ଛକା) ରନ୍ କରିଥିଲେ। ବିଜୟୀ ଦଳ ପାଇଁ ମୁସ୍ତାଫିଜୁର ୫ ଉଇକେଟ ନେଇଥିବା ବେଳେ ନାହିଦ ରାଣା ଏବଂ ଅଧିନାୟକ ମିରାଜ ୨ଟି ଲେଖାଏଁ ଉଇକେଟ ହାତେଇଥିଲେ।

# ଆଇରିସ୍ ଓପନ୍ କ୍ୱାର୍ଟରରେ ସୁବ୍ରତ

**ନୂଆଦିଲ୍ଲୀ**



ଓଡ଼ିଶାର କ୍ୟୁ ସ୍ପୋର୍ଟ୍ସ ଖେଳାଳି ସୁବ୍ରତ ଦାସ ଚଳିତ ଆଇରିସ୍ ଓପନ୍ ଚ୍ୟାଲେଞ୍ଜ ସ୍ନୁକର ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ୪-୧ ଫ୍ରେମ୍‌ରେ ଅଖିଳେଶ ମୋହନଙ୍କୁ ମାତ୍ ଦେଇଥିଲେ। କ୍ୱାର୍ଟରଫାଇନାଲ୍‌ରେ ସେ ୱେଲ୍ସର ପିଟର ଷ୍ଟାନ୍‌ୟେରଙ୍କୁ ଭେଟିବେ। ତେବେ ଆଇବିଏସ୍‌ଏଫ୍ ବିଶ୍ୱ ମ୍ୟାଚ୍‌ପ୍ଲେ ବିଲିୟାର୍ଡସ୍ (୧୦୦ ଅପ୍ ଫର୍ମାଟ୍)ରେ ସେ ୨-୩ରେ ଇଂଲଣ୍ଡର ରିଆନ୍ ମିଅର୍ସଙ୍କୁ ହାରି ନକ୍ ଖେଳିବାରୁ ବଞ୍ଚିତ ହୋଇଥିଲେ। ଏହି ମ୍ୟାଚ୍‌ରେ ସୁବ୍ରତ ୮୯ ଓ ୫୦ ବ୍ରେକ୍ କରିଥିଲେ।

# ୧୫ ବର୍ଷ ପରେ ରୋହିତଙ୍କୁ କ୍ଷମା ମାଗିଲେ ଶ୍ରୀକାନ୍ତ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ମନୋନୟନକାରୀ ମୁଖ୍ୟ କୃଷ୍ଣମଚାରୀ ଶ୍ରୀକାନ୍ତ ରୋହିତ ଶର୍ମାଙ୍କ ସହ କରିଥିବା ଏକ ଅନ୍ୟାୟକୁ ସ୍ୱୀକାର କରିଛନ୍ତି। ଏ ନେଇ ଦୀର୍ଘ ୧୫ ବର୍ଷ ପରେ ରୋହିତଙ୍କୁ ପରୋକ୍ଷରେ ଶ୍ରୀକାନ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱରେ ଭାରତ ୨୦୧୧ରେ ଦିନିକିଆ ବିଶ୍ୱକପ ଜିତିଥିଲା। ୧୯୮୩ ପରେ ଭାରତ ୨୮ ବର୍ଷର ବ୍ୟବଧାନରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ ଜିତିଥିଲା। ଉକ୍ତ ବିଶ୍ୱକପ ଦଳରେ ରୋହିତ ଶର୍ମାଙ୍କୁ ସ୍ଥାନ ମିଳିନଥିଲା। ନିକଟରେ ଏକ ସାକ୍ଷାତକାରରେ ରୋହିତ କହିଥିଲେ ଯେ, ୨୦୦୭ ଓ ୨୦୨୪ ଟି୨୦ ବିଶ୍ୱକପ, ୨୦୧୩ ଓ ୨୦୨୫ ଚମ୍ପିଆନ୍ସ ଟ୍ରଫି ବିଜେତା ଭାରତୀୟ ଦଳର ସଦସ୍ୟ ଥିଲି। କିନ୍ତୁ ଏପର୍ଯ୍ୟନ୍ତ ଦିନିକିଆ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ହେବାର ସୌଭାଗ୍ୟ ଅର୍ଜନ କରିପାରିନାହିଁ। ୨୦୧୧ ବିଶ୍ୱକପ ଖେଳିବା ନେଇ ସୁଯୋଗ ଥିଲେ ମଧ ମୋତେ ସ୍ଥାନ ମିଳିନଥିଲା।

୨୦୧୧ ଦିନିକିଆ ବିଶ୍ୱକପରେ ଭାରତୀୟ ଦଳର ମନୋନୟନକାରୀ ମୁଖ୍ୟ ରହିଥିବା କ୍ରିଷ୍ଣମଚାରୀ ଶ୍ରୀକାନ୍ତ ଏହାର କାରଣ ଦର୍ଶାଇବା ସହ ପରୋକ୍ଷରେ ରୋହିତଙ୍କୁ କ୍ଷମା ମାଗିଛନ୍ତି। ଶ୍ରୀକାନ୍ତ କହିଛନ୍ତି, ମୋତେ କୁହାଯାଇଥିଲା ଏପରି ଜଣେ ଖେଳାଳି ମନୋନୟନ କର; ଯିଏ କି ଆବଶ୍ୟକ ପଡ଼ିଲେ ବୋଲିଂ କରିପାରିବ। ଏହା ରୋହିତଙ୍କ ସପକ୍ଷରେ ଯାଇନଥିଲା। ସେ ସମୟରେ ଆମେ ସଚିନ



ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ସୁରେଶ ରୈନା, ଯୁବରାଜ ସିଂହ ଓ ୟୁସୁଫ ପଠାନଙ୍କୁ ଗୁରୁତ୍ୱ ଦେଉଥିଲୁ। ଅବଶ୍ୟ ଏହାର ଫାଇଦା ଆମକୁ ମିଳିଥିଲା। ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱରେ ଭାରତ ଉକ୍ତ ବିଶ୍ୱକପ ଜିତିଥିଲା। ରୋହିତ ଉକ୍ତ ବିଶ୍ୱକପରେ ସ୍ଥାନ ପାଇବାକୁ ହକ୍‌ଦାର ଥାଇ ମଧ୍ୟ ସୁଯୋଗ ପାଇନଥିଲେ। ଏବେ ବି ମୁଁ ରୋହିତଙ୍କୁ ନେଇ ଦୁଃଖିତ ଅଛି ବୋଲି ଶ୍ରୀକାନ୍ତ କହିଛନ୍ତି। ସୂଚନାଯୋଗ୍ୟ, ଭାରତ ୨୦୨୩ ଦିନିକିଆ ବିଶ୍ୱକପରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ରନର୍ସଅପ ହୋଇଥିଲା।

# ମହିଳା ଟ୍ୱେଣ୍ଟି-୨୦ : ଭାରତର ତୃତୀୟ ପରାଜୟ



**ଜୋହାନ୍ସବର୍ଗ**

ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟ ମହିଳା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଖେଳାଯାଇଥିବା ତୃତୀୟ ଟ୍ୱେଣ୍ଟି-୨୦ରେ ଦକ୍ଷିଣ ଆଫ୍ରିକା ୯ ୱିକେଟ୍‌ରେ ଭାରତକୁ ପରାସ୍ତ କରି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ୩-୦ରେ ସୁନିଶ୍ଚିତ କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଶେଫାଳି ବର୍ମା (୪୬ ବଲ୍‌ରୁ ୬୪ ରନ୍) ଓ ଅଧିନାୟିକା ହରମନପ୍ରୀତ କୌର୍ (୩୮ ବଲ୍‌ରୁ ୬୬ ରନ୍)ଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୯୪ ରନ୍ କରିଥିଲା। ସ୍ମୃତି ମାନ୍ଧାନା ୩୭ ଓ ରିଚା ଘୋଷ୍ ୧୮ ରନ୍‌ର ଯୋଗଦାନ ଦେଇଥିଲେ। ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ମାତ୍ର ରନ୍ କରିଥିବା ତାରକା ବ୍ୟାଟର ଜେମିମା ରଡ୍ରିଗ୍ସ ପୁଣି ବିଫଳ ହେବା ସହ ଖାତା ଖୋଲିପାରିନଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ନନକୁଲୁଲେକୋ ଏମଲାବା ୨ଟି ଓ ନାଦାଇନ୍ ଡି’କ୍ଲେର୍କ ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଲୌରା ୱାଲଭାର୍ଟଙ୍କ ବିସ୍ଫୋରକ ଶତକ (୫୩ ବଲ୍‌ରୁ ୧୧୫ ରନ୍, ୫ ଛକା, ୧୪ ଚୌକା) ଓ ସୁନେ ଲୁସ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ (୪୨ ବଲ୍‌ରୁ ୬୪ ରନ୍) ବଳରେ ହାତରେ ଆହୁରି ୨୧ ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇ ଥିଲା। ଭାରତ ପକ୍ଷରୁ ଶ୍ରେୟଙ୍କା ପାଟିଲ୍ ଏକମାତ୍ର ୱିକେଟ୍ ନେଇଥିଲେ।

## ରାଜ୍ୟସ୍ତରୀୟ ହକି ଚାମ୍ପିଅନସିପ୍

# ରାଉରକେଲା ଅଭିମୁଖେ ବାଲେଶ୍ୱର ଜୁନିୟର ମହିଳା ଦଳ



**ବାଲେଶ୍ୱର, ନ୍ୟୁଜ୍**


ରାଉରକେଲାଠାରେ ଅନୁଷ୍ଠିତ ହେବାକୁ ଥିବା ୫ମ ରାଜ୍ୟସ୍ତରୀୟ ଜୁନିୟର ମହିଳା ହକି ଚାମ୍ପିଅନସିପ୍-୨୦୨୬ ରେ ଭାଗ ନେବା ପାଇଁ ବାଲେଶ୍ୱର ଜିଲ୍ଲା ଦଳ ରାଉରକେଲା ଯାତ୍ରା କରିଛି। ଏହି ପ୍ରତିଯୋଗିତା ୨୨ ତାରିଖରୁ ଆରମ୍ଭ ହୋଇଛି। ବାଲେଶ୍ୱରର ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ଜିଲ୍ଲା କ୍ରୀଡ଼ା ସଂଘର ଉପ ସଭାପତି ଜଗଦୀଶ ବେହେରା ଦଳକୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିମାନଙ୍କର ଉତ୍ସାହ ବଢ଼ାଇଛନ୍ତି। ‘ଆମର ଆଶା ଓ ବିଶ୍ୱାସ ଅଛି ଯେ ବାଲେଶ୍ୱରର ଏହି ପ୍ରତିଭାଶାଳୀ ଖେଳାଳିମାନେ ରାଜ୍ୟ ସ୍ତରରେ ଉତ୍ତମ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବେ।’ ଏହି ଯାତ୍ରା ସମୟରେ ଜିଲ୍ଲା କ୍ରୀଡ଼ା ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ବାଲେଶ୍ୱରର ଅଗଣିତ କ୍ରୀଡ଼ାପ୍ରେମୀ ମାନେ ଦଳର ସଫଳତା କାମନା କରିଛନ୍ତି।

# ମହିଳା କ୍ରିକେଟରଙ୍କ ନାଁରେ ଯୌନଶୋଷଣ ଏବଂ ବଟି ଆଦାୟ ଅଭିଯୋଗ

**ନୂଆଦିଲ୍ଲୀ**

ଅନ୍‌ଲାଇନ୍‌ରେ ଆରମ୍ଭ କରୁଥିଲେ ବନ୍ଧୁତା। ପରେ ବନ୍ଧୁତାରୁ ପ୍ରେମ ଆଉ ପ୍ରେମରୁ ଖରାପ ସମ୍ପର୍କ। ଥରେ ଏହି ମାୟା ଜାଲରେ ଫସିବା ପରେ ଖାଲି ହେଉଥିଲା ପକେଟ୍। ଜଣେ ମହିଳା କ୍ରିକେଟର ଏଭଳି ଯୌନ ଶୋଷଣ ଏବଂ ବ୍ଲାକ୍‌ମେଲିଂ ଟଙ୍କା ଆଦାୟ କରୁଥିବା ଅଭିଯୋଗ ଆସିଛି। ଏହି ଘଟଣାରେ ମହିଳା କ୍ରିକେଟରଙ୍କ ସହ ତାଙ୍କ ସହଯୋଗୀଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଗିରଫ କରାଯାଇଛି। ମୁମ୍ବାଇର କ୍ରାଇମବ୍ରାଞ୍ଚ ଏମାନଙ୍କୁ ହେପାଜତରେ ରଖିଥିବା ବେଳେ ଘଟଣାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା।

ମିଳିଥିବା ସୂଚନା ଅନୁଯାୟୀ, ଜମ୍ମୁ-କାଶ୍ମୀର ଟି-୨୦ ଲିଗ୍ ସହ ଜଡ଼ିତ ଜଣେ ମହିଳା କ୍ରିକେଟର ଏବଂ ତାଙ୍କ ଭାଇ ବାଜିଲ୍ ଖାନଙ୍କ ନାଁରେ



ଆସିଛି ଏଭଳି ସଙ୍ଗୀନ ଅଭିଯୋଗ। ୩୦ ବର୍ଷୀୟା କ୍ରିକେଟରଙ୍କ ସହ ତାଙ୍କ ଭାଇ ରଚିଥିବା ଷଡ଼ଯନ୍ତ୍ର ପର୍ଦ୍ଦାଫାସ ହୋଇଥିବାବେଳେ ଦିଲ୍ଲୀର ଏକ ହୋଟେଲରୁ ଏମାନଙ୍କୁ ଗିରଫ କରାଯାଇଛି। ଏହାସହ ଏହି ଗ୍ୟାଙ୍ଗରେ ଜଡିତ ଅନ୍ୟଜଣେ ଇମତିଆଜଙ୍କୁ ଶ୍ରୀନଗରରୁ ଗିରଫ କରିଛି ପୁଲିସ।

କୁହାଯାଉଛି କି, ଏମାନେ ଧନୀ ବ୍ୟବସାୟୀଙ୍କୁ ଟାର୍ଗେଟ କରିବା ଆରମ୍ଭ କରୁଥିଲେ। ମୁମ୍ବାଇର ଜଣେ ଯୁବ ବ୍ୟବସାୟୀଙ୍କୁ ଜାଲରେ ଫସାଇଥିଲେ। ୨୦୨୪ ମସିହାରେ ସେମାନଙ୍କ ମଧ୍ୟ ପ୍ରଥମେ ବନ୍ଧୁତା ହୋଇଥିଲା। ପରେ କ୍ରିକେଟର ଜଣକ ତାଙ୍କ ସହ ଖରାପ ସମ୍ପର୍କ ରଖିଥିଲେ। ଆଉ ଭିଡିଓ କରିଥିବାବେଳେ ପରେ ଧମକ ଦେଇ ଟଙ୍କା ଲୁଟିବା ଆରମ୍ଭ କରିଥିଲେ। ଟଙ୍କା ନେଲେ ଚାଟିଂଠାରୁ ଆରମ୍ଭ କରି ସବୁ ଭାଇରାଲ କରିବାକୁ ଧମକ୍ ଦେଉଥିଲେ।

ବ୍ୟବସାୟୀ ଜଣକ କହିଛନ୍ତି କି, ସେ ୩୦ ଭିନ୍ନ ଭିନ୍ନ ଆକାଉଣ୍ଟରେ ପାଖାପାଖି ୨୩.୬୧ ଲକ୍ଷ ଟଙ୍କାରୁ ଅଧିକ ନେଇଛନ୍ତି। ପରେ ଏନେଇ ଅଭିଯୋଗ କରିବା ପରେ ଧରାପଡ଼ିଛନ୍ତି। ଏଭଳିଭାବେ ଏମାନେ ଅନେକ ଜଣଙ୍କଙ୍କ ପାଖରୁ ଟଙ୍କା ଲୁଟିଥିବା ମଧ୍ୟ ଗୋଟିଏ ପରେ ଗୋଟିଏ ଅଭିଯୋଗ ଆସିବାରେ ଲାଗିଛି।

# ବିପଦ ସଂକେତ ଉପରେ ଭାରତରେ ଡୋପ କଳଙ୍କ, ସତର୍କ କଲା ଏଆଇୟୁ

**ନୂଆଦିଲ୍ଲୀ**

ଭାରତରେ ଡୋପ୍ କଳଙ୍କ ସ୍ଥିତି ଅତି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଭାରତ ଡୋପିଂରେ ନମ୍ବର ୱାନ୍‌ରେ ରହିଛି ! ଯାହାକୁ ନେଇ ଆଥ୍‌ଲେଟିକ୍ ସାଧୁତା ୟୁନିଟ୍ (ଏଆଇୟୁ) ସତର୍କ କରାଇ ଦେଇଛି। ୨୦୩୦ରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବ। ପୁଣି ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ନେଇ ଆଗ୍ରହୀ ରହିଛି। ଏବେଠୁ ଯଦି ଡୋପ୍ କଳଙ୍କକୁ ନିୟନ୍ତ୍ରଣ କରାନଯାଏ ତେବେ ଭାରତକୁ ଅନ୍ତର୍ଜାତୀୟ ସ୍ତରରେ ବାସନ୍ଦ ହେବାକୁ ପଡ଼ିବ। ଏମିତି ହେଲେ କ୍ରୀଡ଼ା ମହାକୁମ୍ଭ ଆୟୋଜନରେ ବାଧା ଉପୁଜିପାରେ।

ଗତ ସୋମବାର ଦିନ ଏଆଇୟୁର ତାଲିକା ପ୍ରକାଶ ପାଇବା ପରେ ଏହି ଘଟଣାକୁ ନେଇ ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି। ଭାରତ ବିଶ୍ୱରେ କ୍ରୀଡ଼ା ମହାଶକ୍ତି ଭାବେ ଉଭା ହେବାକୁ ସ୍ୱପ୍ନ ଦେଖୁଥିବାବେଳେ ଆମ କ୍ରୀଡ଼ାବିତ୍‌ମାନଙ୍କ ସାଧୁତାକୁ ନେଇ ପ୍ରଶ୍ନ ଉଠିଛି। ଏଆଇୟୁ ପକ୍ଷରୁ କୁହାଯାଇଛି ଯେ,



ଭାରତୀୟ ଆଥଲେଟିକ୍ସ ସଂଘ (ଏଏଫ୍‌ଆଇ) ଏବେ ଡୋପ କଳଙ୍କ ତାଲିକାର ବିପଦ ସଂକେତ ଉପରେ ରହିଛି। ଏବେ ଭାରତୀୟ ଖେଳାଳିଙ୍କୁ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତା କଠିନ ଡୋପ୍ ପରୀକ୍ଷାର ସାମ୍ନା କରିବାକୁ ପଡ଼ିବ। ସଦ୍ୟ ପ୍ରକାଶିତ ଡୋପ୍ ତାଲିକାରେ ଏଏଫ୍‌ଆଇ ଗ୍ରୁପ୍ ବି’ (ମଧ୍ୟମ)ରୁ ଏ’ (ଅତି ବିପଜ୍ଜନକ) ବର୍ଗକୁ ଉନ୍ନୀତ ହୋଇଛି। ଏ’ ବର୍ଗରେ ରୁଷିଆ, ବେଲାରୁଷ, ଇଥିଓପିଆ, କେନିଆ, ନାଇଜେରିଆ ଓ ୟୁକ୍ରେନ ସହ ଭାରତ ସାମିଲ ରହିଛି। ଏହିସବୁ ଦେଶରେ ଆଥ୍‌ଲେଟ୍‌ମାନେ ମାତ୍ରାଧିକ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି।

ଡୋପ୍ କଳଙ୍କ ତାଲିକା ପ୍ରକାଶ ପାଇବା ପରେ ଏଏଫ୍‌ଆଇକୁ ଏଆଇୟୁ କିଛି ପରାମର୍ଶ ଦେଇଛି। ଏବେ ନିୟମିତ ଭାବେ ଖେଳାଳି ମାନଙ୍କର ପରୀକ୍ଷା କର ଏବଂ ସେମାନେ କେଉଁଠି ରହୁଛନ୍ତି କ’ଣ କରୁଛନ୍ତି ସତର୍କ ନଜର ରଖ। ଏଏଫ୍‌ଆଇ ପରାମର୍ଶକୁ ଗ୍ରହଣ କରିବା ସହ ପରିସ୍ଥିତିରେ ସୁଧାର ଆଣିବା ନେଇ ପଦକ୍ଷେପ ନିଆଯିବ ବୋଲି କହିଛି। କେବଳ ଆଥଲେଟିକ୍ସ ନୁହେଁ, ଅନ୍ୟାନ୍ୟ କ୍ରୀଡ଼ାରେ ମଧ୍ୟ ଭାରତୀୟ କ୍ରୀଡ଼ାବିତ୍ ଡୋପ୍‌ରେ ବିଫଳ ହୋଇ ବର୍ଷ ବର୍ଷ ବାସନ୍ଦ ହେଉଛନ୍ତି। ନିକଟରେ ଡୋପିଂରେ ଦୋଷୀ ସାବ୍ୟସ୍ତ ହୋଇଥିବା ଖେଳାଳିମାନଙ୍କ ଏକ ତାଲିକା ପ୍ରକାଶ କରିଛି, ଯେଉଁଥିରେ ଭାରତ କେନିଆକୁ ପଛରେ ପକାଇ ଶୀର୍ଷ ସ୍ଥାନ ଅଧିକାର କରିଛି। ଏହି କାରଣରୁ ୧୪୮ ଜଣ ଭାରତୀୟ ଖେଳାଳି ଏବଂ କର୍ମଚାରୀଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି। ଏଆଇୟୁ ଆଣ୍ଟି-ଡୋପିଂ ନିୟମ ୧୫ ଅନୁଯାୟୀ ଭାରତୀୟ ଆଥଲେଟିକ୍ସ ଫେଡେରେସନ (ଏଏଫଆଇ)କୁ ବି’ ବର୍ଗରୁ ଏ’ ବର୍ଗକୁ ହ୍ରାସ କରିଛି। ଏଆଇୟୁର ସଭାପତି ଡେଭିଡ ହୋମାନ କହିଛନ୍ତି, ଭାରତରେ ଡୋପିଂ ପରିସ୍ଥିତି ଦୀର୍ଘ ଦିନ ଧରି ବିପଦପୂର୍ଣ୍ଣ ରହିଛି। ଡୋପିଂ ମୁକାବିଲା ପାଇଁ କରାଯାଉଥିବା ପ୍ରୟାସ ଏଥିରେ ଥିବା ବିପଦକୁ ପୂରଣ କରିପାରୁନାହିଁ।

# ‘ମୁଁ ସବୁ ମ୍ୟାଚ୍ ପୂର୍ବରୁ କାର୍ଟୁନ ଦେଖେ’ : ବୈଭବ

**ନୂଆଦିଲ୍ଲୀ**

ରାଜସ୍ଥାନ ରୟାଲ୍ସ ୟଙ୍ଗ ସେନସେସନ୍ ବୈଭବ ସୂର୍ଯ୍ୟବଂଶୀ। ବ୍ୟାଟରେ ବିସ୍ଫୋରଣ କରୁଛନ୍ତି। ବୟସ ମାତ୍ର ୧୫ ବର୍ଷ। ମହାନ୍ ବୋଲରଙ୍କୁ ପାଣି ପିଆଉଛନ୍ତି। ବୈଭବ ସୂର୍ଯ୍ୟବଂଶୀ ଏବେ ଆଇପିଏଲ ଖେଳୁଛନ୍ତି। ବଡ଼ ବଡ଼ ପ୍ଲେୟାରଙ୍କ ସହ ବସୁଛନ୍ତି। ଶ୍ରେଷ୍ଠ ବ୍ୟାଟରଙ୍କ ସହ ଖେଳୁଛନ୍ତି। କିନ୍ତୁ ଏହା ତାଙ୍କର ଅଭ୍ୟାସକୁ ବଦଳାଇ ପାରିନାହିଁ, ଯାହା କେବଳ ତାଙ୍କର କାହାଣୀ ନୁହେଁ ବରଂ ପ୍ରତ୍ୟେକ ଘରର ପିଲାର କାହାଣୀ। ତାଙ୍କ ପିଲାଳିଆମି ଏବେ ବି ଯାଇନାହିଁ। ତାଙ୍କର ଏକ ହାବିଟ୍ ରହିଛି ଯାହାକୁ ସେ ପ୍ରତି ମ୍ୟାଚ୍ ପୂର୍ବରୁ କରିଥାନ୍ତି। ବୈଭବଙ୍କର ସେହି ଅଭ୍ୟାସ ହେଉଛି କାର୍ଟୁନ ଦେଖିବା। ପ୍ରତି ମ୍ୟାଚ୍ ପୂର୍ବରୁ ସେ କାର୍ଟୁନ ଦେଖନ୍ତି। ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍ ପରେ ସେ ଏହି ଖୁଲାସା କରିଛନ୍ତି।



ସେ କାର୍ଟୁନ ଦେଖିବାକୁ ଏବେ ବି ଭଲପାଆନ୍ତି।

ଲକ୍ଷ୍ନୌ ବିପକ୍ଷ ମ୍ୟାଚ ପରେ ବୈଭବ ସୂର୍ଯ୍ୟବଂଶୀ ତାଙ୍କର କାର୍ଟୁନ ଦେଖିବା ଅଭ୍ୟାସ ବିଷୟରେ କହିଥିଲେ। ତାଙ୍କୁ ପଚରାଯାଇଥିଲା, ‘ଯେଉଁ ବୟସରେ ପିଲାମାନେ କାର୍ଟୁନ ଦେଖନ୍ତି, ସେହି ବୟସରେ ଆପଣ ବୋଲରଙ୍କ କାର୍ଟୁନ ଆଙ୍କୁଛନ୍ତି। ଏହା କିପରି କର ? ମନରେ କ’ଣ ଚାଲେ ?’ ଏହି ପ୍ରଶ୍ନର ଉତ୍ତରରେ ବୈଭବ ସୂର୍ଯ୍ୟବଂଶୀଙ୍କ ଉତ୍ତର ଆଶ୍ଚର୍ଯ୍ୟଜନକ ଥିଲା। ସେ କହିଥିଲେ ଯେ, ତାଙ୍କ ମନରେ କିଛି ଚାଲେ ନାହିଁ। ଆଜି ମଧ୍ୟ, ସେ ପ୍ରତ୍ୟେକ ମ୍ୟାଚ୍ ପୂର୍ବରୁ କାର୍ଟୁନ ଦେଖନ୍ତି। ମୋର କାର୍ଟୁନ ଦେଖିବାର ଅଭ୍ୟାସ ଅଛି। କିନ୍ତୁ ମୁଖ୍ୟ ଧ୍ୟାନ ମ୍ୟାଚ୍ ଉପରେ ଥାଏ।’

କାର୍ଟୁନ ପ୍ରତି ତାଙ୍କର ଭଲ ପାଇବା ବିଷୟରେ କହିଥିବା ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ବିପକ୍ଷ ମ୍ୟାଚ୍‌ରେ ଖରାପ ଥିଲା। ମୋହସିନ୍ ଖାନ ତାଙ୍କ ଉପରେ ମେଡେନ୍ ବୋଲିଂ କରି ତାଙ୍କର ୱିକେଟ୍ ନେଇଥିବା ପ୍ରଥମ ଆଇପିଏଲ୍ ବୋଲର ହୋଇଥିଲେ। ବୈଭବ ସୂର୍ଯ୍ୟବଂଶୀ ମ୍ୟାଚ୍‌ରେ ୧୧ଟି ବଲରେ ମାତ୍ର ୮ ରନ୍ କରିଥିଲେ। ଅରେଞ୍ଜ କ୍ୟାପ୍ ଦୌଡ଼ରେ ରହିଛନ୍ତି ସୂର୍ଯ୍ୟବଂଶୀ। ଚଳିତ ସିଜିନରେ ରାଜସ୍ଥାନର ସବୁଠାରୁ ସଫଳ ବ୍ୟାଟର ବୈଭବ। ସେ ୭ ଇନିଂସରେ ୨୫୨ ରନ କରିଛନ୍ତି, ଯେଉଁଥିରେ ୨ ଟି ଅର୍ଦ୍ଧଶତକରୁ ଅଧିକ ସ୍କୋର ରହିଛି।

# ଲକ୍ଷ୍ନୌ ଏବଂ ରାଜସ୍ଥାନ ମଧ୍ୟରେ ଚାଲିଥିବା ବେଳେ ଇକାନାରେ ଫ୍ୟାନ୍ସଙ୍କ ମଧ୍ୟରେ ଝଗଡ଼ା

**ମୁମ୍ବାଇ**

ଆଇପିଏଲ ୨୦୨୬ରେ ବୁଧବାର ଇକାନା ଷ୍ଟାଡିୟମରେ ହୋଇଥିବା ମ୍ୟାଚ୍‌ରେ ୨ ଫ୍ୟାନ୍ସଙ୍କ ମଧ୍ୟରେ ଭୟଙ୍କର ଲଢେଇ ହୋଇଛି। ଉଭୟ ଜଣେ ଅନ୍ୟ ଜଣଙ୍କୁ ବିଧା ଗୋଇଠା ମାରିବାକୁ ଲାଗିଥିଲେ। ଜଣେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ତଳେ ପକାଇ ଦେଇଥିଲେ। ସେ ପୁଣି ଉଠି ଆସିଥିଲେ ଏବଂ ଲଢେଇ କରିବାକୁ ଲାଗିଥିଲେ। ଏହି ସମୟରେ ଏକ ଚପଲରେ ମାରିବାକୁ ଲାଗିଥିଲେ। ଏହା ଲକ୍ଷ୍ନୌ ସୁପର ଜାଏଣ୍ଟସ ବନାମ ରାଜସ୍ଥାନ ରୟାଲ୍ସ ମ୍ୟାଚ୍ ସମୟରେ ହୋଇଥିଲା। ଯାହାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି।

ଆଇପିଏଲ ୨୦୨୬ର ୩୨ତମ ମ୍ୟାଚ୍ ଲକ୍ଷ୍ନୌ ଏବଂ ରାଜସ୍ଥାନ ମଧ୍ୟରେ ଇକାନା ଷ୍ଟାଡିୟମରେ ଖେଳାଯାଇଥିଲା।



ଯେଉଁଥିରେ ରାଜସ୍ଥାନ ୪୦ ରନରେ ବିଜୟୀ ହୋଇଥିଲେ। ମ୍ୟାଚ୍ ସମୟରେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଲଢେଇ ହୋଇଥିଲା। ନିକଟରେ ବସିଥିବା ଜଣେ ବ୍ୟକ୍ତି ଏହାକୁ ନିଜ ମୋବାଇଲରେ ରେକର୍ଡ଼ କରିଥିଲେ ଏବଂ ସୋସିଆଲ ମିଡ଼ିଆରେ ସେୟାର କରିଥିଲେ। ଯାହା ଏବେ ଦ୍ରୁତଗତିରେ ଭାଇରାଲ ହେବାରେ ଲାଗିଛି।

ଭାଇରାଲ ଭିଡ଼ିଓରେ ନଜର ଆସୁଛି କି ଜଣେ ବ୍ୟକ୍ତି ଦ୍ୱିତୀୟ ବ୍ୟକ୍ତିଙ୍କୁ ତଳେ ପକାଇ ଦେଇଥିଲେ। ଯେଉଁଥିରେ ସେ ତଳ ଲାଇନରେ ଯାଇ ପଡ଼ିଥିଲେ। ପରେ ସେ ପୁଣି ଥରେ ଉଠି ଆସିଥିଲେ ଏବଂ ତାଙ୍କୁ ମାରିବାକୁ ଲାଗିଥିଲେ। ଏହି ସମୟରେ ଗୋଟିଏ ଚପଲ ବାହାର କରିଥିଲେ ଏବଂ ମାରିବାକୁ ଲାଗିଥିଲେ। ଏହା ମଧ୍ୟରେ ଆସିଥିବା ଜଣେ ବ୍ୟକ୍ତି ସିକ୍ୟୁରିଟିକି ଡାକିବାକୁ ଲାଗିଥିଲେ। ଏହି ସମୟରେ ଆଖପାଖରେ ଥିବା ଲୋକେ ଦୂରେଇ ରହିବାକୁ ଲାଗିଥିଲେ।

# ସୁବର୍ଣ୍ଣପୁରରେ ଜଳବାୟୁ ପରିବର୍ତ୍ତନ କନ୍‌କ୍ଲେଭ-୨୦୨୬

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ସଦର ମହକୁମା ସ୍ଥିତ ମହାନଦୀ ଧାରା ପୂର୍ଣ୍ଣାଙ୍ଗ ଆବାସିକ ଶିକ୍ଷାନୁଷ୍ଠାନ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ଉପରେ ଏକ କନକ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଏହି କନକ୍ଲେଭରେ ବିଭିନ୍ନ ବୌଦ୍ଧିକ ମଣ୍ଡଳରୁ ଅନେକ ବୁଦ୍ଧିଜୀବୀ, ଗବେଷକ, ପରିବେଶବିତ୍, ଲେଖକ, ଶିକ୍ଷାବିତ୍, ଲୋକ କଳାକାର ଓ ଅନେକ ବରିଷ୍ଠ ସାମ୍ବାଦିକ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିନୋଟି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ, ପ୍ରସିଦ୍ଧ ଜାତୀୟ ସ୍ତରର ପରିବେଶ ସାମ୍ବାଦିକ ତଥା ଡାଉନ ଟୁ ଆର୍ଥ ପତ୍ରିକାର ପରିଚାଳନା ସମ୍ପାଦକ ରିଚାର୍ଡ ମହାପାତ୍ର, ଓଡ଼ିଶାର ଜଳପୁରୁଷ ରଞ୍ଜନ ପଣ୍ଡା, ପ୍ରତିଷ୍ଠିତ ସମ୍ବଲପୁର




ଆଇଆଇଏମ୍‌ର ଅଧ୍ୟାପକ ସୁଜିତ୍ ପୃଷେଠ୍ ଏବଂ ବିଶିଷ୍ଟ ସାମ୍ବାଦିକ ବିରେନ୍ଦ୍ର ଝାଙ୍କର ଆଲୋଚକ ଭାବେ ଯୋଗଦେଇଥିଲେ। ମହାନଦୀ ଧାରା ପୂର୍ଣ୍ଣାଙ୍ଗ ଆବାସିକ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ଲାବନ ମହାପାତ୍ର ଆଲୋଚନାଚକ୍ରର ପରିଚାଳନା ଦାୟୀତ୍ୱ ତୁଲାଇଥିଲେ। ଏହି କନକ୍ଲେଭରେ ମୁଖ୍ୟ ଅତିଥି ତଥା ମୁଖ ବିଷୟବସ୍ତୁ ବକ୍ତା ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ୍ ସାହୁ ଯୋଗ ଦେଇ ତାଙ୍କର ବକ୍ତବ୍ୟରେ ସେ ଜଳବାୟୁ ପରିବର୍ତ୍ତନର ସାଙ୍ଘାତିକତା ଦର୍ଶେଇ ଅନେକ ପରିସଂଖ୍ୟାନ ତଥ୍ୟ ଦେଇ ପରିବେଶ ସୁରକ୍ଷା ତଥା ଧରଣୀୟ ବିକାଶ ଦିଗରେ ସଂଗଠିତ କାର୍ଯ୍ୟର ଆହ୍ୱାନ ଦେଇଥିଲେ। ରିଚାର୍ଡ ମହାପାତ୍ର ତାଙ୍କର ଭାଷଣରେ ଜଳବାୟୁ ପରିବର୍ତ୍ତନ ଉପରେ ବିଶ୍ୱ ସ୍ତରୀୟ ଦୃଷ୍ଟିକୋଣ ଏବଂ ମହାନଦୀର ପ୍ରଦୂଷଣ ତଥା ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଆଲୋଚନା ଚକ୍ର ‘ଜଳବାୟୁ ପରିବର୍ତ୍ତନ ଏବଂ ମାନବର ଭବିଷ୍ୟତ’ରେ ସାମ୍ବାଦିକ ବିରେନ୍ଦ୍ର ଝାଙ୍କର୍ ଅତିଥି ଆଲୋଚକ ତଥା ପରିବେଶବିତ୍ ରଞ୍ଜନ ପଣ୍ଡାଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରିଥିଲେ, ରଞ୍ଜନ ପଣ୍ଡା ଜଳବାୟୁ ପରିବର୍ତ୍ତନରେ ସଂସ୍କାର ପାଇଁ ଅନ୍ଧ ଭାବରେ ବୃକ୍ଷରୋପଣ ନ କରି ଜୈବ ବିବିଧତାକୁ ବଜାୟ ରଖିବାକୁ ତର୍କ ଦେଇଥିଲେ। ଏଥି ସହିତ ସେ ପ୍ରକୃତିରୁ ସଂସ୍କୃତିର ଲୋକମାନସରେ ବିଚ୍ଛିନ୍ନତା ଏବଂ ମାନସିକ ସ୍ତରରେ ଯୁବ ସମାଜର ପ୍ରକୃତି ଠାରୁ ଦୂରତାକୁ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ବୋଲି ପ୍ରକାଶ କରିଥିଲେ। ତୃତୀୟ ଆଲୋଚନା ଚକ୍ର ‘ଯୁବାବର୍ଗ, ଶିକ୍ଷା ଏବଂ ଜଳବାୟୁ ଉତ୍ତରଦାୟିତ୍ୱ’ରେ ମହାନଦୀ ଧାରା ପ୍ରତିଷ୍ଠାତା, ଅତିଥି ଆଲୋଚକ ସୁଜିତ୍ ପୃଷେଠଙ୍କୁ ପରିବେଶ ସୁରକ୍ଷାରେ ଯୁବବର୍ଗର ଦାୟିତ୍ୱ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପୃଷେଠ ଏହାରି ଉପରେ ଯୁବ ସମାଜର ସୃଜନଶୀଳତା ଏବଂ ଉଦ୍ଭାବନକୁ ଜୋର ଦେଇଥିଲେ। ଏଥି ସହିତ ସେ ଅର୍ଥନିତିକ ଅସମାନତା, ଲିଙ୍ଗଗତ ବୈଷମ୍ୟତା ଆଦିକୁ ଜଳବାୟୁ ଉତ୍ତରଦାୟିତ୍ୱରେ ପ୍ରତିବନ୍ଧକ ବୋଲି ଦର୍ଶାଇଥିଲେ। ଶେଷରେ ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ ଏବଂ ଅନ୍ୟ ଦର୍ଶକ ଅତିଥି ବକ୍ତା ମାନଙ୍କୁ ପ୍ରଶ୍ନ ପଚାରିଥିଲେ। ସଭାର ପରିଚାଳନା ଶିକ୍ଷୟତ୍ରୀ ପ୍ରିୟଙ୍କାରାଣୀ ନେଗୀ କରିଥିଲେ। ସର୍ବ ଶେଷରେ ଜଣାଶୁଣା ଲୋକ କଳାକାର ଦିଲ୍ଲୀପ ଦୀପ ଏବଂ ତାଙ୍କର ସାଥୀ କଳାକାର ଘୁଡକା ବାଦ୍ୟର ତାଳେ ତାଳେ ପରିବେଶ ସୁରକ୍ଷା ଉପରେ ସ୍ୱରଚିତ ଏକ ସଙ୍ଗୀତ ତଥା ନୃତ୍ୟ ପରିବେଷଣ କରିଥିଲେ।

